

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୫ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 15 August 2025

Vol.No. 36 ■ No.215 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net



DADLS- 41



## ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା

## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୭ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷରୁ ୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୭୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ୍ୟ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୭ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୭୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୭୦୩ଟି** ସରକାରୀ କୋଠା

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ ହଜାର**ରୁ ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୭୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR- 15001/13/0954/2526

## ଆମେତ ସ୍ୱାଧୀନ ଆଜି

**ପ୍ରଶାନ୍ତ କୁମାର ଦାଶ**

ଆଜି ଦେଖ ଆମେ ସଭିଏଁ ସ୍ୱାଧୀନ
ନୋହୁଁତ ବିଦେଶୀ ଜାତିର ଅଧୀନ
ସଭିଏଁ ଭାରତ ବାସୀ
କିଏ ଦେଶପାଇଁ ବୀର ସଇନିକ
କିଏତ ସାଜିଛି ଚାଷୀ ।
ଉଡେ ଫର ଫର ସୁନୀଳ ଗଗନେ
ଜାତୀୟପତାକା ଏ ଶୁଭ ଲଗନେ
ଫୁଲଇ ଆମର ଛାତି
ସେ ପତାକା ତଳେ
ନେବାରେ ଶପଥ
ଯିବା ଦେଶ ହିତେ ମାତି ।
ରଖିଚି ଦେଶର ଜାତିର ସେ ଟେକ
କରିଚି ଆମକୁ ଧରଣୀରେ ଏକ
ଗାଇବା ମୁକତି ଗୀତ
ଭୁଲି ଭେଦଭାବ ଚଳାଇବା ନାବ
ହେଇ ସାଥୀ ବନ୍ଧୁ ମିତ ।
ଅଶାନ୍ତି ଅସୂୟା ହିଂସା ଈର୍ଷାତଡି
ଦେବାରେ ସୁନ୍ଦର୍ ସଂସାରଟେ ଗଢି
ରଖିବାନି ଦୁଃଖ ଲୁହ
ବାପୁଙ୍କ ସୁନ୍ଦର୍ ରାମ ରାଇଜର
ବାଣୀ କାନେ କନେ କୁହ ।
ସ୍ୱାଧୀନ ଦେଶର ପୁଅ ଝିଅ ଆମେ
ଲାଗିଯିବ ସୁସ୍ଥ ପରିବେଶ କାମେ
କରିବା ସପନ ସତ
ସ୍ୱଚ୍ଛଭାରତକୁ ଗଢ଼ିବା ପାଇଁକି
ବାପୁ ଦେଇଥିଲେ ମତ ।


+କୁଞ୍ଜର -ସଙ୍ଗଲାଇ
ପିପିଲି -ପୁରୀ
ମୋ:୯୬୬୮୮୨୨୧୯୦


## ଅଗଷ୍ଟପନ୍ଦର

**ଜୟକୃଷ୍ଣ ସାହୁ**

ତାରିଖ ପନ୍ଦର ଲାଗଇ ସୁନ୍ଦର
କାହିଁକି ଅଗଷ୍ଟ ମାସେ
ସେଇ କଥା ଯଦି ପଚାରେ କୁନୁକୁ
ସିଏ ବି ଖୁସିରେ ହସେ
ଏମିତିକା ଦିନ ଟିଏ,
ମୋ ଦେଶବାସୀଙ୍କୁ ଚଖାଇ ଦେଇଛି
ମୁକତି ସୁଆଦ ଯିଏ।
ସେଇ ପନ୍ଦରରେ ଗୋରା ବେପାରିଙ୍କ
ଶାସନ ହୋଇଲା ଅନ୍ତ
ସେ ଦିନ ଉଡ଼ିଲା ଗଗନେ ପବନେ
ଭବନେ ତ୍ରିରଙ୍ଗା ନେତ
ସ୍ୱାଭିମାନୀ ନେତ ଟିଏ,
ସିଏ ପରା ଆମ ଜାତିର ପ୍ରତୀକ
ତାକୁ ବା ଭୁଲିବ କିଏ ?
ଫରଫର ଉଡ଼ି ସ୍ୱାଧୀନ ଚେତନା
ଜଗାଇ ଦେଲା ସେ ଦିନେ
ଦେଶ ମାତୃକାର ଗଉରବ ଗାଥା
ଗୁଞ୍ଜରିତ ହେଲା ମନେ
ଆଜି ଦେଶବାସୀ ହସେ,
ଗାନ୍ଧି ଜବାହର ଲାଲ ବାଲଙ୍କର
ବଳିଦାନ ନୁହଁ କି ସେ ?
କାରାଗାର କଳା କୋଠରି ଭିତରେ
କେତେ ଶଢ଼ିଶଢ଼ି ମଲେ
କେତେ ଯେ ସଂଗ୍ରାମୀ ଚାବୁକ ମାଡ଼ରେ
ଗଡ଼ି ଗଡ଼ି ପ୍ରାଣ ଦେଲେ
ସେ କଥା ତ୍ରିରଙ୍ଗା କହେ,
ସେଇ କଥା ଉଡ଼ି କହିବା ସୁଯୋଗ
ଅଗଷ୍ଟ ପନ୍ଦର ଦିଏ।


+କପିଳ ପ୍ରସାଦ,ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭.


## ସ୍ୱାଧୀନ ଭାରତର ଅନୁଚିନ୍ତା



**ସୌଭାଗ୍ୟ ରଞ୍ଜନ ମହାନ୍ତି**

ସ୍ୱାଧୀନ ଭାରତ ଆଜି ୭୮ବର୍ଷ ବୟସରେ ପଦାର୍ପଣ କରିଛି। ଗୋଟିଏ ଦେଶ ପାଇଁ ୭୮ବର୍ଷ କିଛି କମ୍ ନୁହେଁ। ଏହି ଅବଧି ମଧ୍ୟରେ ଭାରତର ଗଣତନ୍ତ୍ର କେବଳ ସୁଦୃଢ ହୋଇନାହିଁ, କୃଷି, ଶିଳ୍ପ, ବାଣିଜ୍ୟ, ଶିକ୍ଷା, ପ୍ରତିରକ୍ଷା, ଅର୍ଥନୀତି, ବିଜ୍ଞାନ, କାରିଗରୀ କୌଶଳ, ମହାକାଶ ଗବେଷଣା କ୍ଷେତ୍ରରେ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ମର୍ଯ୍ୟଦା ହାସଲ କରିଛି। ଦେଶର ଗଣତନ୍ତ୍ର ଏତେ ସୁଦୃଢ ଯେ, ଭାରତ ବିଶ୍ୱରେ ସର୍ବବୃହତ ଗଣତାନ୍ତ୍ରୀକ ରାଷ୍ଟ୍ର ଭାବେ ବିବେଚିତ ହେଉଛି। କହିବା ବାହୁଲ୍ୟ ଯେ, ଭାରତ ୧୯୪୭ ମସିହା ଅଗଷ୍ଟ ୧୫ତାରିଖରେ ବ୍ରିଟିଶ ଶାସନ କବଳରୁ ସ୍ୱାଧୀନ ହୋଇଥିବା ବେଳେ ପଡୋଶୀ ପାକିସ୍ଥାନ ମାତ୍ର ୧୨ଘଂଟା ଆଗୁଆ ଅର୍ଥାତ ଅଗଷ୍ଟ ୧୪ରେ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଥିବା ସମୟରେ ଗଲା ୭୮ବର୍ଷ ମଧ୍ୟରେ ଅର୍ଦ୍ଧାଧିକ ସମୟ ସାମରିକ ଶାସନ ଅଧିନରେ ରହିଛି। ଏବେ ବି ସେଠାରେ ସରକାରରେ ଅସ୍ଥିରତା ଲାଗି ରହିଥିବାବେଳେ ସେନା ମୁଖ୍ୟ ଭୂମିକା ନିର୍ବାହ କରୁଛି। କେବଳ ପାକିସ୍ଥାନ ନୁହେଁ, ଭାରତର ପଡୋଶୀ ରାଷ୍ଟ୍ରଗୁଡିକର ଅବସ୍ଥା ମଧ୍ୟ ଅନୁରୂପ। କୃଷି କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହୋଇଥିବା ସମୟରେ ଶିଳ୍ପ, ବିଜ୍ଞାନ, କାରିଗରୀ କୌଶଳ, ଶିକ୍ଷା କ୍ଷେତ୍ରରେ ମଧ୍ୟ ଅଦ୍ଭୂତପୂର୍ବ ବିକାଶ ହାସଲ କରିଛି। ସେହିପରି ଗତ ୮ଦଶନ୍ଧି ମଧ୍ୟରେ ଦେଶ ଚାରିଚାରୋଟି ପ୍ରତ୍ୟକ୍ଷ ଯୁଦ୍ଧର ସମ୍ମୁଖୀନ ହୋଇଥିବାବେଳେ ବହୁବାର ଛାୟା ଯୁଦ୍ଧ ଲଢିଛି। ଯାହାକି ଭାରତର ପ୍ରତିରକ୍ଷା ସାମର୍ଥ୍ୟ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବାରେ ସାମର୍ଥ୍ୟ ହାସଲ କରିଛି। ଅର୍ଥନୀତି କ୍ଷେତ୍ରରେ ଦେଶର ପ୍ରଗତି ଅବିଶ୍ୱାସନୀୟ। ଜାପାନ, ବିଟ୍ରେନ ଆଦି ରାଷ୍ଟ୍ରକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ ଅର୍ଥନୈତିକ ରାଷ୍ଟ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିବାରେ ସମର୍ଥ ହୋଇଛି। ସେହିପରି ଦେଶରେ ଦାରିଦ୍ର୍ୟ ଦୂରିକରଣ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱ ବହନ ପରେ। ଦେଶରେ ଦାରିଦ୍ର୍ୟ ହାର ଏବେ ୫.୩ ପ୍ରତିଶତରେ ସୀମିତ। ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ବିଶ୍ୱର ବୃହତଶକ୍ତିମାନଙ୍କ ସମକକ୍ଷ ହୋଇ ଇତିହାସ ସୃଷ୍ଟି କରିଛି। ଆସନ୍ତା ୨୦୪୭ ସୁଦ୍ଧା ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ସରକାର ବହୁବିଧ କାର୍ଯ୍ୟକ୍ରମ, ଯୋଜନା ହାତକୁ ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦେଶ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ସତ୍ୱେ ଦେଶରେ ଦୁର୍ନୀତି, ଭଷ୍ଟ୍ରାଚାର, କୁସଂସ୍କାର, ଦୁଷ୍କର୍ମ, ନାରୀ ନିର୍ଯ୍ୟାତନା, ହିଂସାକାଣ୍ଡ, ଲାଂଚ, ମିଛ, ଶିକ୍ଷା, ଧନୀ-ଗରିବ ତାରତମ୍ୟ ଉଦ୍‌ବେଗ୍‌ଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଦୁର୍ନୀତି, ଭ୍ରଷ୍ଟାଚାର, ଲାଂଚ ଏପରି କାୟା ବିସ୍ତାର କରିଛି ଯେ, ଦୁର୍ନୀତି ନିବାରଣ ବିଭାଗ ଭିଜିଲାନ୍ସର ଚଢାଉ ଏବେ ପ୍ରତ୍ୟହ ଗଣମାଧ୍ୟମର ଶିରୋନାମା ପାଲଟିଛି। ବିନା ଲାଂଚରେ ଦେଶରେ କିଛି କାମ ହୁଏ ନାହିଁ। ନିକଟରେ ଜଣେ ହାଇକୋର୍ଟ ବିଚାରପତିଙ୍କ ଘରୁ ବିଡା ବିଡା ନୋଟ ଜବତ ହେବା ଦୁର୍ନୀତିର ମାତ୍ରା ପ୍ରମାଣିତ କରେ। ସୁଖୀ, ଅସୁଖୀ, କ୍ଷୁଧା ତାଲିକାରେ ଭାରତ ବିଶ୍ୱରେ କେବଳ ତାଲିକାର ଶେଷ ଆଡକୁ ରହିଥିବାବେଳେ ପଡୋଶୀ ରାଷ୍ଟ୍ର ଗୁଡିକ ମଧ୍ୟ ଭାରତ ଠାରୁ ଆଗରେ ତଥା ଉତମ ସ୍ଥାନରେ ରହିଛନ୍ତି। ସେହିପରି ଦେଶରେ ଗରିବ ହ୍ରାସ ପାଇଥିବା ନେଇ ସରକାର ଓ ପରିସଂଖ୍ୟାନ ଦାବି କରୁଥିବ ସତ୍ୱେ ଏବେ ଯେଭଳି ମାଗଣା ଯୋଜନା ସଂଖ୍ୟା ବୃଦ୍ଧି ପାଉଛି, ତାହା ସରକାରଙ୍କ ଦାରିଦ୍ର୍ୟ ହ୍ରାସ ଦାବି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆହୁରି ମଧ୍ୟ ଦେଶରେ ନିଜସ୍ୱ ଭୋଟ ବ୍ୟାଙ୍କ ସୃଷ୍ଟି ତଥା ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ନଗଦ ଟଙ୍କା ବଂଟନ ଯୋଜନା ନେଇ ରାଜନୈତିକ ଦଳମାନଙ୍କ ମଧ୍ୟରେ ଯେପରି ପ୍ରତିଯୋଗିତା ଚାଲିଛି, ତାହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ସେହିପରି ସରକାର ଯୋଜନା ପରେ ଯୋଜନା କରିଚାଲିଛନ୍ତି କିନ୍ତୁ ତା'ର ସୁଫଳ ଲୋକଙ୍କ ପାଖରେ ପହଁଚିବାବେଳେ ୮୫ ପ୍ରତିଶତ ଅର୍ଥ ବାଟମାରଣା ହେଉଛି। ଯାହାକି ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ପାର୍ଲିଆମେଂଟରେ ଘୋଷଣା କରିବାକୁ କୁଣ୍ଠିତ ହୋଇନଥିଲେ। ତେବେ ସବୁଠୁ ଉଦବେଗ୍‌ର ପ୍ରସଙ୍ଗ ହେଉଛି ଦେଶରେ ଧନୀ-ଗରିବ ତାରତମ୍ୟ ବୃଦ୍ଧି। ଦେଶର ମୋଟ ସମ୍ପତିର ୯୦ଭାଗ ୧୦ଭାଗ ଧନୀକଙ୍କ ହାତରେ ରହିଥିବାବେଳେ ୯୦ପ୍ରତିଶତ ଲୋକଙ୍କ ହାତରେ ମାତ୍ର ୧୦ପ୍ରତିଶତ ସମ୍ପତି ରହିଛି। ଆହୁରି ମଧ୍ୟ ଦେଶରେ ନାରୀ ବିରୋଧ ହିଂସା, ଭିଡ ହିଂସା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଦେଶରେ ହିଂସାକାରୀଙ୍କ ପାଇଁ କଠୋର ଦଣ୍ଡବିଧାନ ବ୍ୟବସ୍ଥା ଥିବାବେଳେ ଆଇନ ଏକପ୍ରକାର ଅସହାସ ହୋଇପଡିଛି। ଗଣତନ୍ତ୍ରର ପବିତ୍ର ମନ୍ଦିର ପାର୍ଲିଆମେଂଟ ଏବେ ସଂଖ୍ୟାର ଖେଳରେ ପରିଣତ ହୋଇଛି। ସଂଖ୍ୟା ବଳରେ ଶାସକ ନିଜକୁ ସୁହାଇବା ପରି ଆଇନ ପ୍ରଣୟନ କରୁଛନ୍ତି। ବିରୋଧିଙ୍କୁ ଦମନ ପାଇଁ ଇଡି, ସିବିଆଇ, ଆୟକର ଭଳି କେନ୍ଦ୍ରୀୟ ଏଜେନ୍ସିଗୁଡିକୁ ସରକାର ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ବଢି ଚାଲିଛି। ଦେଶର ଗଣତନ୍ତ୍ରର ତିନି ମୁଖ୍ୟ ସ୍ତମ୍ଭ, କାର୍ଯ୍ୟପାଳିକା, ବିଧାନପାଳିକା ଓ ନ୍ୟାୟାପାଳିକା ମଧ୍ୟରେ ଉତର ସମନ୍ୱୟ ନଥିବା ଲକ୍ଷ୍ୟ କରାଯାଏ। ସେହିପରି ଦେଶରେ ସୁଦୃଢ ଗଣତନ୍ତ୍ର ପାଇଁ ନିର୍ବାଚନ ପରିଚାଳନା କରୁଥିବା ଭାରତର ନିର୍ବାଚନ କମିଶନଙ୍କ ବିରୁଦ୍ଧରେ ଭୋଟ ଚୋରୀ ଅଭିଯୋଗ ଏବେ ଦେଶରେ ତୁମ୍ଫିତୋଫାନ ସୃଷ୍ଟି କରିଛି। ଏହା ଯଦି ସତ୍ୟ ହୋଇଥାଏ, ତେବେ ସାଂଘାତିକ ବୋଲି କୁହାଯିବ। ଦେଶର ଗଣତନ୍ତ୍ରର ଚତୁର୍ଥ ପ୍ରହରୀ ଭାବେ ପରିଚିତ ସମ୍ବାଦପତ୍ର, ଗଣମାଧ୍ୟମ ଏବେ ଚାପରେ। ସମ୍ବାଦପତ୍ରରେ କଣ୍ଠରୋଧ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ଏହା ନିସନ୍ଦେହ ଯେ, ଗଲା ୮ଦଶନ୍ଧି ମଧ୍ୟରେ ବିଶ୍ୱରେ ଭାରି ବିଭିନ୍ନ କ୍ଷେତ୍ରରେ ନିଜର ସାମର୍ଥ୍ୟ ପ୍ରଦର୍ଶନ କରିବା ଯେତିକି ଗୌରବର ଗାଥା ବହନ କରେ, ଆଭ୍ୟନ୍ତରୀଣ ଘଟଣାବଳୀ ସେତିକି ଉଦ୍‌ବେଗର କାରଣ ପାଲଟିଥିବା କୁହାଯାଇପାରେ। ଆଜିର ଏହି ପବିତ୍ର ଦିବସରେ ଭାରତକୁ ଏକ ସୁଦୃଢ, ଶକ୍ତିଶାଳୀ, ସୁଖି ଓ ଦୁର୍ନୀତିମୁକ୍ତ ରାଷ୍ଟ୍ରଭାବେ ଗଢିତୋଳିବା ପାଇଁ ସମସ୍ତେ ସଂକଳ୍ପ ବଦ୍ଧ ହେବା ଉଚିତ, ଯାହାକି ସ୍ୱାଧୀନ ଭାରତ ପାଇଁ ଆତ୍ମବଳି ଦେଇଥିବା ମହାନ ସଂଗ୍ରାମୀମାନଙ୍କ ପାଇଁ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ।


+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ-୭୯୭୮୬୬୬୪୦୩


## ସ୍ୱାଧୀନତା ଦିବସର ଅନୁଚିନ୍ତା

**ଡକ୍ଟର ଲକ୍ଷ୍ମଣ ସାହୁ**



ଭାରତର ସ୍ୱାଧୀନତା ଦିବସ ? ଏକ ଭାରତୀୟ ଜାତୀୟ ଦିବସ ଅଟେ । ୧୯୪୭ ମସିହା ଅଗଷ୍ଟ ୧୫ରେ ଭାରତ ଇଂରେଜ ଶାସନରୁ ମୁକ୍ତ ହୋଇ ସ୍ୱତନ୍ତ୍ର ଗଣରାଜ୍ୟରେ ପରିଣତ ହୋଇଥିଲା । ତେଣୁ ଏହି ଦିନକୁ ମନେପକାଇବା ପାଇଁ ପ୍ରତିବର୍ଷ ପନ୍ଦର ଅଗଷ୍ଟକୁ ଭାରତର ସ୍ୱାଧୀନତା ଦିବସ ଭାବରେ ପାଳନ କରାଯାଏ ।

କହିବାକୁ ଗଲେ ଭାରତ ଭଳି ପବିତ୍ର ଦେଶରେ ସ୍ୱାଧୀନତା ଦିବସର ପର୍ବକୁ ଏକ ଈଶ୍ୱରୀୟ ପର୍ବ ଭାବେ ପାଳନ କରାଯାଏ । ଏହି ଦିନଟି ହେଉଛି ଏଭଳି ଗୋଟିଏ ଦିନ ଯେତେବେଳେ ସମଗ୍ର ଭାରତରେ ସାହସୀ ଯୋଦ୍ଧାମାନଙ୍କ ସଂଗ୍ରାମ, ସେମାନଙ୍କର ଅପୂର୍ବ ବଳିଦାନ ଓ ଅସୀମ ଧୈର୍ଯ୍ୟ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଏ । କେବଳ ଏହି ଦିନଟି ଜାତୀୟ ଛୁଟି ଦିବସ ନୁହେଁ। ବରଂ ଏହା ଏକ ପ୍ରକାର ଜାତୀୟ ସଂକଳ୍ପର ଦିବସ ଭାବେ ପାଳନ ହେଉଛି । ଯାହା କେବଳ ଆମ ସ୍ୱାଧୀନତାର ମୂଲ୍ୟବୋଧ ଓ ସଂଗ୍ରାମର ମହତ୍ତ୍ୱକୁ ମନେ ପକାଇଥାଏ । ଅଗଣିତ ସାହସୀ ଯୋଦ୍ଧା ପୁଅମାନେ ଏହି ଦେଶକୁ ମୁକ୍ତ କରିବା ପାଇଁ ଲଢିଥିଲେ । ତେଣୁ ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ ଏକ ଅଦ୍ୱିତୀୟ ଉଦାହରଣ ହୋଇ ରହିଛି । ଯେଉଁଠାରେ ବିଭିନ୍ନ ଜାତି, ଧର୍ମ ଓ ସଂସ୍କୃତିର ଜନସାଧାରଣ ଏକପ୍ରକାର ସାଧାରଣ କାରଣ ନେଇ ଲଢିବା ପାଇଁ ଏକାଠି ହୋଇଥିଲେ ।

୧୭୫୭ ରେ ସ୍ୱାଧୀନତାର ପ୍ରଥମ ଯୁଦ୍ଧ, ସିପାହୀ ବିଦ୍ରୋହ ଭାବରେ ଇତିହାସରେ ଜଣାଶୁଣା। ଏହା ଥିଲା ପ୍ରଥମ ପ୍ରାକ୍ ବିଦ୍ରୋହ ଯାହା ସ୍ୱାଧୀନତା ପାଇଁ ଭାରତର ସଂଗ୍ରାମର ମୂଳଦୁଆ ପକାଇଥିଲା। ଏହି ବିଦ୍ରୋହ ସ୍ୱଷ୍ଟ ଭାବରେ ବ୍ରିଟିଶ ଶାସନ ବିରୁଦ୍ଧରେ ଜନସାଧାରଣଙ୍କ କ୍ରୋଧକୁ ପ୍ରକାଶ କରିଥିଲା ଓ ଏହା ପ୍ରମାଣ କରାଇଦେଇଥିଲା ଯେ ଭାରତୀୟ ଲୋକଙ୍କ ସହନଶୀଳତାର ସୀମା କେତେ ଗଭୀର । ଯାହାର ପ୍ରତିକ୍ଷୀତ ମୁହୂର୍ତ୍ତର ଅବସାନ ହୋଇଛି ।

କିନ୍ତୁ ଏହା କେବଳ ଆରମ୍ଭ ମାତ୍ର ଥିଲା । ଇତିହାସ ପୃଷ୍ଠାକୁ ଅନୁଧ୍ୟାନ କଲେ ସ୍ୱଷ୍ଟ ହୁଏ ସପ୍ତଦଶ ଶତାବ୍ଦୀ ସୁଦ୍ଧା ବ୍ରିଟିଶ ବଣିକମାନେ ଭାରତର ବିଭିନ୍ନ ସ୍ଥାନରେ ବାଣିଜ୍ୟ କେନ୍ଦ୍ରମାନ ପ୍ରତିଷ୍ଠା କରି ସାରିଥିଲେ । ଇଂରେଜ ସରକାର ଅଷ୍ଟାଦଶ ଶତାବ୍ଦୀରେ ନିଜ ବିପୁଳ ସୈନ୍ୟବଳଙ୍କ ଦ୍ୱାରା ଅନ୍ୟ ସ୍ୱାଧୀନ ଦେଶମାନଙ୍କୁ ଅଧିକୃତ କରିବାକୁ ଚେଷ୍ଟା କରି ସଫଳ ହୋଇଥିଲେ। ୧୮୫୭ ମସିହାରେ ଘଟିଥିବା ପ୍ରଥମ ସ୍ୱାଧୀନତା ସଂଗ୍ରାମ ପରେ ଭାରତୀୟ ସରକାର ଅଧିନିୟମ ୧୮୫୮ ଅନୁସାରେ ବ୍ରିଟିଶ ସରକାର ଭାରତରେ ସାର୍ବଭୌମ ଶାସନ କ୍ଷମତା ଲାଭ କରିଥିଲା । ସେହି ସମୟରେ ଭାରତୀୟ ଜାତୀୟ କଂଗ୍ରେସ ପରି ଜାତୀୟତାବାଦୀ ସଂସ୍ଥା ଗଠିତ ହୋଇଥିଲା । ଦେଶ ଇତିମଧ୍ୟରେ ମୋନଟାଗୁ-ଚେମସଫୋର୍ଡ୍ ସୁଧାର ସବୁ ଦେଖିବା ସହ ରାଓ୍ୱଲଟ ଆଇନର ବର୍ବରତା ମଧ୍ୟ ଅନୁଭବ କରିଥିଲା। କିନ୍ତୁ ମହାତ୍ମାଗାନ୍ଧୀଙ୍କଦ୍ୱାରା ପ୍ରସ୍ତାବିତ ସତ୍ୟାଗ୍ରହ ଓ ଅସହଯୋଗ ଆନ୍ଦୋଳନ ହେତୁ ଏହି ଅବସ୍ଥାର ଅସ୍ଥିରତା ନିୟନ୍ତ୍ରିତ ହୋଇଥିଲା ।

ବିଶେଷ କରି ସ୍ୱାଧୀନତା ପୂର୍ବରୁ ଆୟୋଜିତ ସ୍ୱାଧୀନତା ଦିବସ ମଧ୍ୟ ପାଳିତ ହୋଇଥିଲା । ଭାରତୀୟ ଜାତୀୟ କଂଗ୍ରେସର ୧୯୨୯ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନ ଘୋଷଣା ହେବା ସହିତ ଅଗଷ୍ଟ ୧୫କୁ ସ୍ୱାଧୀନତା ଦିବସ ଭାବେ ଘୋଷଣା କରିଥିଲା । ଏଥିରେ ଦେଶବାସୀଙ୍କୁ ବ୍ରିଟିଶଶାସନରେ ଅସହଯୋଗ ପ୍ରଦର୍ଶନ କରିବା ପାଇଁ ନିବେଦନ କରିବା ସହ ପୂର୍ଣ୍ଣ ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ କଂଗ୍ରେସର ପ୍ରତ୍ୟେକ ନିର୍ଦ୍ଦେଶକୁ ମାନିବାକୁ ମଧ୍ୟ କୁହାଯାଇଥିଲା । ଏପରିକି ୧୯୩୦ରୁ ୧୯୪୬ ମସିହା ପର୍ଯ୍ୟନ୍ତ କଂଗ୍ରେସ ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିଥିଲା । ସାଧାରଣସଭା ଆୟୋଜନଦ୍ୱାରା ସେତେବେଳେ ସ୍ୱାଧୀନତା ଦିବସ ପାଳିତ ହେଉଥିଲା, ଯେଉଁଥିରେ ଯୋଗ ଦେଇଥିବା ବ୍ୟକ୍ତିମାନେ ସ୍ୱାଧୀନତାର ପ୍ରତିଜ୍ଞା ନେଉଥିଲେ ।

ପରେ ପରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅଣ-ସହଯୋଗ ଆନ୍ଦୋଳନ, ଦାଣ୍ଡି ମାର୍ଚ୍ଚ, ଭାରତ ଛାଡିବା ଭଳି ଗତିବିଧି ବ୍ରିଟିଶ ଶକ୍ତିର ମୂଳଦୁଆ ପକାଇଲା । ଭାଗବତ ସିଂ, ଚନ୍ଦ୍ରଶେଖର ଆଜାଦ, ସୁଭାଷ ଚନ୍ଦ୍ର ବୋଷ ଯେପରି ସାହସୀ ଯୋଦ୍ଧାମାନଙ୍କ ବଳିଦାନ ସ୍ୱାଧୀନତା ସଂଗ୍ରାମରେ ସାହାଯ୍ୟ କଲା । ଶକ୍ତି ପ୍ରଦାନ ଭାରତୀୟ ଜାତୀୟ କଂଗ୍ରେସ ଓ ଅନ୍ୟମାନେ। ସ୍ୱାଧୀନତା ସଂଗ୍ରାମୀ ସଂଗଠନ ବ୍ରିଟିଶମାନଙ୍କ ବିରୁଦ୍ଧରେ ଅନେକ ଉଦ୍ୟମ କରିଥିଲେ । ଯେଉଁଥିରେ ସତ୍ୟାଗ୍ରହ ଭଳି ଅହିଂସା ଆନ୍ଦୋଳନ, ପ୍ରଦର୍ଶନ ଓ ନାଗରିକ ଅବମାନନା ପ୍ରମୁଖ ଥିଲା । ବହୁ କଷ୍ଟ ଓ ବଳୀଦାନରେ ୧୯୪୭ ଅଗଷ୍ଟ ୧୫ ରେ ଭାରତ ବ୍ରିଟିଶ ସାମ୍ରାଜ୍ୟରୁ ସ୍ୱାଧୀନତା ଲାଭକଲା। ସେହି ଦିନ କେବଳ ରାଜନୈତିକ ସ୍ୱାଧୀନତାର ପ୍ରତୀକ ହୋଇନଥିଲା। ବରଂ ଏହା ଭାରତୀୟ ସଂସ୍କୃତି, ସମାଜ ଓ ସଭ୍ୟତାର ବିଜୟର ପ୍ରତୀକ ମଧ୍ୟ ହୋଇଥିଲା । ସ୍ୱାଧୀନତା ହାସଲ କରିବା ପରେ ଭାରତ ଏକ ନୂତନ ଯୁଗ ଆଡକୁ ଆଗେଇ ଯିବାର ସୁଯୋଗ ପାଇଲା। କିନ୍ତୁ ଚ୍ୟାଲେଞ୍ଜଗୁଡ଼ିକ ମଧ୍ୟ କମ୍ ନଥିଲା। ବିଭାଜନର ଦୁଃଖଦ ଘଟଣାରୁ ସାମାଜିକ, ଧାର୍ମିକ ଓ ଅର୍ଥନୈତିକ ସମସ୍ୟା ନୂତନ ଭାରତକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଲକ୍ଷ ଲକ୍ଷ ଲୋକ ସେମାନଙ୍କ ଘରୁ ବିସ୍ଥାପିତ ହୋଇଥିଲେ । ଏହି ବିଭାଜନ ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିଥିଲା । ଯେଉଁଥିରେ ହଜାର ହଜାର ନିରୀହ ଲୋକ ପ୍ରାଣ ହରାଇଥିଲେ ।

ବିଭାଜନ ପରେ ଭାରତ ନିଜକୁ ପୁନର୍ବାର ସଂଗଠିତ କଲା। ସମ୍ବିଧାନ ଗଠନ ପାଇଁ ଏକ ବିଧାନସଭା ଗଠନ କରାଯାଇଥିଲା। ଯାହାର ନେତୃତ୍ୱରେ ଡକ୍ଟର ଭୀମ୍ରାଓ ଆମ୍ବେଦକର ଏକ ସମ୍ବିଧାନ ପ୍ରସ୍ତୁତ କରିଥିଲେ । ଯାହା ଭାରତକୁ ଏକ ଧର୍ମନିରପେକ୍ଷ, ସମାଜବାଦୀ ତଥା ଗଣତାନ୍ତ୍ରିକ ଦେଶ ଭାବରେ ପରିଣତ କରିଥିଲା । ୧୯୫୦ ଜାନୁଆରୀ ୨୬ ରେ ଏକ ଗଣତନ୍ତ୍ର ରାଷ୍ଟ୍ର ଭାବରେ ବ୍ୟାଖ୍ୟା କରାଯାଇଛି । ଅର୍ଥାତ୍ ଭାରତ ଏହାର ସମ୍ବିଧାନକୁ ଗ୍ରହଣ କରିବା ସହିତ ଏକ ଗଣତନ୍ତ୍ର ରାଷ୍ଟ୍ର ଭାବରେ ନିଜର ପରିଚୟ ପ୍ରତିଷ୍ଠା କଲା । ପଣ୍ଡିତ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ଭାରତ ଆଧୁନିକତା ଆଡକୁ ଗଲା । ଶିଳ୍ପାୟନ, କୃଷି ସଂସ୍କାର, ପାଞ୍ଚ ବର୍ଷର ଯୋଜନା ଓ ବିଜ୍ଞାନ ତଥା ପ୍ରଯୁକ୍ତିବିଦ୍ୟାରେ ପୁଞ୍ଜି ବିନିଯୋଗ ମାଧ୍ୟମରେ ରାଷ୍ଟ୍ର ନିଜର ଅର୍ଥନୈତିକ ଓ ସାମାଜିକ ପ୍ରଗତିକୁ ସୁନିର୍ଣ୍ଣିତ କରିବାରେ ସଫଳ ହେଲା।

ନିରପେକ୍ଷତା ଓ ଅହିଂସା ନୀତି ଉପରେ ଆଧାର କରି ଭାରତ ମଧ୍ୟ ଏହାର ବୈଦେଶିକ ନୀତି ବଜାୟ ରଖିଛି ଯେଉଁଥିରେ ଅଣ-ଆଲାଇନ୍ ଆନ୍ଦୋଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସ୍ୱାଧୀନତାର ୭୮ ବର୍ଷରୁ ଅଧିକ ପରେ ଆଜି ଭାରତ ଏକ ବିଶ୍ୱ ସୁପର ପାୱାର ଭାବରେ ଉଭା ହେଉଛି । ଅର୍ଥନୈତିକ ପ୍ରଗତି, ବୈଜ୍ଞାନିକ ଅନୁସନ୍ଧାନ ଓ ସାମରିକ ଦକ୍ଷତା ବୃଦ୍ଧି ସତ୍ତ୍ୱେ ସ୍ୱାଧୀନତା ପାଇଁ ଅନେକ ଆହ୍ୱାନ ବର୍ତ୍ତମାନର ଭାରତରେ ରହିଆସିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହେଉଛି ଭାରତର ସାମ୍ପ୍ରଦାୟିକ ଏକତା ବଜାୟ ରଖିବା। ଜାତି, ଧର୍ମ , ବର୍ଣ୍ଣ ଓ ଭାଷାଭିତ୍ତିକ ବିବିଧତା ଉଭୟ ଭାରତର ଶକ୍ତି ଓ ବେଳେବେଳେ ଏହାର କାରଣ ହୋଇଥାଏ । କେତେକ ସ୍ଥାନରେ ବଢୁଥିବା ଅସହିଷ୍ଣୁତା, ସାମ୍ପ୍ରଦାୟିକ ଉତ୍ତେଜନା ଓ ଧାର୍ମିକ ସଂଗଠନ ଦେଶର ଏକତା ବିପଦରେ ପଡ଼ିଛି। ଏହି ଆହ୍ୱାନ ଆମ ଦେଶର ସ୍ୱାଧୀନତା ସଂଗ୍ରାମର ସେହି ନୀତି।

ଏହାର ବିପରୀତ ସତ୍ୟ ଯେଉଁଠାରେ ବିଭିନ୍ନ ଧର୍ମ ଓ ଜାତିର ଲୋକମାନେ ମିଳିତ ଭାବରେ ଲଢିଥିଲେ । ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହେଉଛି ଅର୍ଥନୈତିକ ଅସମାନତା । ଯଦିଓ ଗତ କିଛି ଦଶନ୍ଧି ମଧ୍ୟରେ ଭାରତରେ ଦ୍ରୁତ ଅର୍ଥନୀତିକ ଅଭିବୃଦ୍ଧି ଘଟିଛି, ତଥାପି ଦାରିଦ୍ର୍ୟ, ବେକାରୀ ଓ ଅସମାନତା ସମସ୍ୟା ଜାରି ରହିଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜୀବନଧାରଣକୁ ବିସ୍ତୃତତା କରିବା। ସମସ୍ତଙ୍କୁ ଶିକ୍ଷା ତଥା ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧତା ଯୋଗାଇଦେବା ।ପରିବର୍ତ୍ତନ କରି ମହିଳାମାନଙ୍କର ସାମାଜିକ ସ୍ଥିତିରେ ଉନ୍ନତି ଆଣିବାର ଆବଶ୍ୟକତା ବାସ୍ତବରେ ସ୍ୱାଧୀନତାର ପ୍ରକୃତ ଅର୍ଥ ଆଡ଼କୁ ଅଗ୍ରସର କରାଏ ।

ସେହି ଭଳି ତୃତୀୟ ଆହ୍ୱାନ ଅଭିବ୍ୟକ୍ତିର ସ୍ୱାଧୀନତା ସହିତ ଜଡିତ । ଏକ ଗଣତାନ୍ତ୍ରିକ ଦେଶରେ ଅଭିବ୍ୟକ୍ତିର ସ୍ୱାଧୀନତା, ଗଣମାଧ୍ୟମର ସ୍ୱାଧୀନତା ଓ ଚିନ୍ତାଧାରାର ସ୍ୱାଧୀନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ପୂର୍ବ ବର୍ଷଗୁଡିକରେ ଏହି ସ୍ୱାଧୀନତା ଉପରେ ରଖାଯାଇଥିବା ପ୍ରତିବନ୍ଧକକୁ ନେଇ ଅନେକ ବ୍ୟକ୍ତି ଉଦ୍‌ବେଗ ପ୍ରକାଶ କରିଛନ୍ତି । ଗଣତନ୍ତ୍ରର ଶକ୍ତି ପାଇଁ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଯୋଗାଯୋଗର ଗୁରୁତ୍ୱ ଅତ୍ୟନ୍ତ ଜରୁରୀ । ଯଦି ଏହି ସଂଳାପରେ କୌଣସି ପ୍ରତିବନ୍ଧକ ଥାଏ, ତେବେ ଏହା ସ୍ୱାଧୀନତାର ଆତ୍ମା ସହିତ ବିରୁଦ୍ଧାଚରଣ ହେବ । ଚତୁର୍ଥ ଆହ୍ୱାନ ସୁରକ୍ଷା ସହିତ ଜଡିତ । ଦେଶର ସାର୍ବଭୌମତ୍ୱ ତଥା ସ୍ୱାଧୀନତା ପାଇଁ ଦେଖାଯାଉଥିବା ଆତଙ୍କବାଦ, ସୀମା ବିବାଦ ଓ ସାଇବର ଆକ୍ରମଣ ଭଳି ସମସ୍ୟା ଗୁଡ଼ିକ ନୂତନ ଯୁଗର ଆହ୍ୱାନ ପାଇଁ ଘୋର ବିପଦ ସୃଷ୍ଟି କରେ । ଏସବୁ ଦୃଷ୍ଟିରୁ ଭାରତ ଏହାର ସୁରକ୍ଷା ଉପକରଣକୁ ଆହୁରି ମଜବୁତ କରିବା ସହ ବିଶ୍ୱ ସମୁଦାୟ ସହିତ ସହଯୋଗ କରିବାର ଯଥେଷ୍ଟ ଆବଶ୍ୟକ ରହିଛି।

ବିଶେଷକରି ଆତଙ୍କବାଦ ବିରୋଧରେ ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକ ରହିଛି । ବାସ୍ତବରେ ଆମକୁ ସ୍ୱାଧୀନତା ଦିବସ ସ୍ମରଣ କରାଏ ଯେ ଆମର ସ୍ୱାଧୀନତାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ଆମକୁ ନିରନ୍ତର ସଜାଗ ରହିବାକୁ ପଡ଼ିବ। ସ୍ୱାଧୀନତା କେବଳ ଏକ ଅଧିକାର ନୁହେଁ, ଏହା ମଧ୍ୟ ନାଗରିକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ସ୍ୱାଧୀନତାର ମୂଲ୍ୟବୋଧର ସୁରକ୍ଷା ପାଇଁ ଆମେ ସେହି ସାହସୀ ଯୋଦ୍ଧାମାନଙ୍କ ବଳିଦାନକୁ ମନେ ରଖିବାକୁ ହେବ । ଯେଉଁମାନେ ନିଜ ଜୀବନକୁ ଦେଶ ପାଇଁ ବଳିଦାନ ଦେଇଛନ୍ତି ସେମାନେ ପ୍ରାତଃ ସ୍ମରଣୀୟ । ଏ ମାଟିରେ ଦେଶପ୍ରେମର ତୃଷା ଅଛି ଓ ଭରି ରହିଛି ଓ ରହିବ, ତାହା ଅସ୍ୱୀକାର କରିବା ସହଜ ନୁହେଁ । ପ୍ରତି ବର୍ଷ ପାଳିତ ହୋଇ ଆସୁଥିବା ଆଜିର ଦିନଟି ଆଗାମୀ ଯୁବସମାଜକୁ ଦେଶ ପ୍ରେମର ବାର୍ତ୍ତା ଦେଉଥିବ...!


+ ଅଧ୍ୟକ୍ଷ, ମହାନଦୀ
ବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ ,
କଟକ -୪ ,
ମୋ: ୯୦୪୦ ୧୫୧୪୭୫



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୫ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 15 August 2025
Vol.No. 36 ■ No.215 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


### ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ

## ସମ୍ବିଧାନ ଓ ଗଣତନ୍ତ୍ର ଆମର ସବୁଠୁ ବଡ଼ ଶକ୍ତି, ଅପରେସନ ସିନ୍ଦୂର ଇତିହାସରେ ଲିପିବଦ୍ଧ ହୋଇ ରହିବ



ନୂଆଦିଲ୍ଲୀ,୧୪/୮ : ସ୍ୱାଧୀନତା ଦିବସକୁ ନେଇ ସମଗ୍ର ଦେଶରେ ଉତ୍ସବର ମାହୋଲ ଲାଗି ରହିଛି। ଅଗଷ୍ଟ ୧୫ରେ ପୂରା ଦେଶରେ ୭୯ତମ ସ୍ୱାଧୀନତା ଦିବସ ପାଳନ କରାଯିବ। ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ରାଷ୍ଟ୍ରପତି ଦେଶବାସୀଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ଅଗଷ୍ଟ ୧୫ କେବଳ ସ୍ୱାଧୀନତାର ପର୍ବ ନୁହେଁ ବରଂ ପ୍ରତିଟି ଭାରତୀୟଙ୍କ ପାଇଁ ଗର୍ବର ପ୍ରତୀକ। ଆମର ସମ୍ବିଧାନ ଓ ଗଣତନ୍ତ୍ରଠୁ ବଳି ଆଉ କିଛି ନୁହେଁ ଏବଂ ଏହା ଆମର ସବୁଠୁ ବଡ଼ ଶକ୍ତି। ସ୍ୱାଧୀନତା ପରେ ସମସ୍ତଙ୍କୁ ମତାଧିକାର ମିଳିଛି ଏବଂ ଭାରତ ଗଣତନ୍ତ୍ରର ମାର୍ଗରେ ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ସଫଳତା ହାସଲ କରିଛି। ରାଷ୍ଟ୍ରପତି ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ସେମାନଙ୍କ ବଳିଦାନ କାରଣରୁ ଆମେ ୭୮ ବର୍ଷ ପୂର୍ବେ ସ୍ୱାଧୀନତା ମିଳିଥିଲା। ରାଷ୍ଟ୍ରପତି ମୁର୍ମୁ ଏହି ଅବସରରେ ଅପରେସନ ସିନ୍ଦୂର ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଏହି ଅଭିଯାନ ଦେଶ ଇତିହାସରେ ଆତଙ୍କବାଦ ବିରୋଧରେ ମାନବତା ଲଢେଇର ଏକ ଉଦାହରଣ ଭାବେ ଲିପିବଦ୍ଧ ହୋଇ ରହିବ। ଏହା ଭାରତର ପହଲଗାମ ହମଲା ଉପରେ ନିର୍ଣ୍ଣାୟକ ଓ ଦୃଢ ପ୍ରତିକ୍ରିୟା ଥିଲା। ଏହା ପ୍ରମାଣ କରିଛି ଯେ, ଆମର ସଶସ୍ତ୍ର ସେନା ରାଷ୍ଟ୍ରର ରକ୍ଷା ପାଇଁ ପ୍ରତିଟି ସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ। ରାଷ୍ଟ୍ରପତି ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ସ୍ୱାଧୀନତା ମିଳିବା ପରେ ଆମେ ଏମିତି ଏକ ଗଣତନ୍ତ୍ରର ମାର୍ଗ ଆପଣେଇଛୁ, ଯେଉଁଠି ପ୍ରତିଟି ଯୋଗ୍ୟ ନାଗରିକଙ୍କୁ ମତାଧିକାର ମିଳିଛି। ଅର୍ଥାତ ଆମେ ନିଜକୁ ନିଜ ଭବିଷ୍ୟତ ସ୍ଥିର କରିବାର ଅଧିକାର ମିଳିଛି। ପ୍ରତିବନ୍ଧକ ସତ୍ତ୍ୱେ ଭାରତୀୟ ସଫଳତାପୂର୍ବକ ଗଣତନ୍ତ୍ରକୁ ଆପଣେଇଛନ୍ତି।

## ବୈଠକ ପୂର୍ବରୁ ଆମେରିକାର ବୟାନ: ଆଲୋଚନା ବିଫଳ ହେଲେ ଭାରତ ଉପରେ ଲାଗିବ ଅଧିକ ଶୁଳ୍କ



ନୂଆଦିଲ୍ଲୀ,୧୪।୮: ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଂଟ୍ ଚେତାବନୀ ଦେଇଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଆଲାସ୍କାରେ ହେବାକୁ ଥିବା ଆଲୋଚନା ଫଳପ୍ରଦ ନହେଲେ ଭାରତ ଉପରେ ଅଧିକ ଦ୍ୱିତୀୟକ ଟାରିଫ୍ ଲାଗୁ ହୋଇପାରେ। ବୁଧବାର ବ୍ଲୁମବର୍ଗ ଟିଭିକୁ ଦେଇଥିବା ସାକ୍ଷାତକାରରେ ବେସେଂଟ୍ କହିଛନ୍ତି, "ଆମେ ରୁଷରୁ ତୈଳ କିଣୁଥିବା ଭାରତୀୟମାନଙ୍କ ଉପରେ ଦ୍ୱିତୀୟକ ଟାରିଫ୍ ଲାଗୁ କରିଛୁ। ଯଦି ଆଲୋଚନା ସଫଳ ନହୁଏ, ତେବେ ନିର୍ବନ୍ଧନ କିମ୍ବା ଟାରିଫ୍ ବୃଦ୍ଧି ହୋଇପାରେ।" ଟ୍ରମ୍ପ ନିକଟରେ ଭାରତୀୟ ଆମଦାନୀ ଉପରେ ୨୫% ଜରିମାନା ଏବଂ ରୁଷରୁ ତୈଳ ଓ ଅସ୍ତ୍ରଶସ୍ତ୍ର କିଣିବା ଉପରେ ଅତିରିକ୍ତ ୨୫% ଟାରିଫ୍ ଲାଗୁ କରିଛନ୍ତି। ଏହା ଦ୍ୱାରା ମୋଟ ଟାରିଫ୍ ୫୦% ହୋଇଛି। ଆମେରିକା ଅଭିଯୋଗ କରିଛି ଯେ ନୂଆଦିଲ୍ଲୀ ରୁଷର ଇଉକ୍ରେନ ଯୁଦ୍ଧକୁ ପରୋକ୍ଷ ଭାବେ ଅର୍ଥ ଯୋଗାଉଛି। ଭାରତ ଏହି ଶୁଳ୍କକୁ "ଅନ୍ୟାୟ, ଅଯୌକ୍ତିକ ଓ ଅସଙ୍ଗତ" ବୋଲି ବିରୋଧ କରିଛି ଏବଂ ତୈଳ ଆମଦାନୀକୁ ଜାତୀୟ ଶକ୍ତି ସୁରକ୍ଷା ପାଇଁ ଆବଶ୍ୟକ ବୋଲି କହିଛି। ଫକ୍ସ ନିଉଜକୁ ଦେଇଥିବା ଏକ ବିବୃତିରେ ବେସେଂଟ୍ ଭାରତକୁ ବାଣିଜ୍ୟ ଆଲୋଚନାରେ "କିଛି ଅନିୟନ୍ତ୍ରିତ" ବୋଲି ବର୍ଣ୍ଣନା କରିଛନ୍ତି। ନୂଆଦିଲ୍ଲୀ ଓ ୱାଶିଂଟନ ମଧ୍ୟରେ ଚାଲିଥିବା ଆଲୋଚନା ଚଳିତ ମାସ ଆରମ୍ଭରେ ରୁଷ ବାଣିଜ୍ୟ ଓ ଅନ୍ୟାନ୍ୟ ବିଷୟକୁ ନେଇ ଅଟକି ଯାଇଥିଲା। ଆମେରିକୀୟ ଆଲୋଚନାକାରୀମାନେ ୨୫ ଅଗଷ୍ଟରେ ଭାରତ ଆସିବେ ବୋଲି ଆଶା କରାଯାଉଛି, ଯାହା ଭାରତୀୟ ପଣ୍ୟ ଉପରେ ୫୦% ଟାରିଫ୍ ଲାଗୁ ହେବାର ମାତ୍ର ଦୁଇ ଦିନ ପୂର୍ବେ। ତେବେ, ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ ଭାରତର କୃଷି ଓ ଡେୟରୀ ବଜାରକୁ ସୁରକ୍ଷିତ ରଖିବା ନୀତି ଆଲୋଚନାରେ ପ୍ରମୁଖ ବାଧା ହେବ। ଟ୍ରମ୍ପ ଓ ପୁଟିନ୍ ଶୁକ୍ରବାର ଆଲାସ୍କାର ଆଙ୍କୋରେଜରେ ୟୁକ୍ରେନ ଯୁଦ୍ଧ ଶେଷ କରିବା ପାଇଁ ଆଲୋଚନା କରିବେ।

## କାମ ଦେଲାନି ରାଜସ୍ୱ ମନ୍ତ୍ରୀଙ୍କ ତାଗିଦ : ଜିଦ୍‌ରେ ଅଟଳ ରାଜସ୍ୱ ଅମଲା, ହିନସ୍ତା ହେଉଛନ୍ତି ଲୋକେ

ଭୁବନେଶ୍ୱର, ୧୪/୮ (ନି.ପ୍ର): ଆନ୍ଦୋଳନରେ କର୍ମଚାରୀ, ଫାଙ୍କା ପଡ଼ିଛି ଚଉକି । ଯାହାଫଳରେ ଝିଅର ସ୍କଲାରସିପ୍ ଆବେଦନ ପାଇଁ ଆବଶ୍ୟକ ଥିବା ଜାତି ଓ ଆବାସିକ ପ୍ରମାଣପତ୍ର ବାହାର କରିବାକୁ ଆସି ନିରାଶ ହୋଇ ଫେରିଛନ୍ତି କେନ୍ଦୁଝରର ମମତା। କାଲି ସୁଦ୍ଧା ପ୍ରମାଣପତ୍ର ବାହାର କରି ନ ପାରିଲେ ଝିଅର ସ୍କଲାରସିପ୍ ପାଇଁ ଆବେଦନ ହୋଇପାରିବ ନାହିଁ। ଠିକ୍ ସେହିଭଳି ସମ୍ବଲପୁରରୁ ଆସିଛି ସମାନ ଚିତ୍ର। କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ହିନସ୍ତା ହେଉଛନ୍ତି ଲୋକେ । କିଏ ପଟ୍ଟା ପାଇ ପାରୁନି ତ କିଏ ଜମିର କିସମ ପରିବର୍ତ୍ତନ କରି ପାରୁନି ତ କାହାର ମ୍ୟୁଟେସନ ଅଟକି ରହିଛି । ସେମିତି ଜଣେ ବ୍ୟକ୍ତି ହେଲେ ସମ୍ବଲପୁରର ଏମ୍ ?ଡି କଲିମ । ସେ ଜମିର କିସମ ପରିବର୍ତ୍ତନ ପାଇଁ ରାଜସ୍ୱ ଅଫିସ ଆସି ନିରାଶ ହୋଇ ଫେରିଛନ୍ତି। ୧୦ ଦଫା ଦାବି ନେଇ ରାଜସ୍ୱ ଅମଲା କର୍ମଚାରୀ ସମୂହ ଛୁଟିରେ ଥିବାବେଳେ ଗତକାଲି ଚେତାବନୀ ଦେଇଥିଲେ ରାଜସ୍ୱ ମନ୍ତ୍ରୀ । କହିଥିଲେ, ଲୋକଙ୍କ କାମ ନହେଲେ ଦରମା ବନ୍ଦ ହେବ । କିନ୍ତୁ ମନ୍ତ୍ରୀଙ୍କ ଏହି ତାଗିଦକୁ ଡରି ନଯାଇ ଜିଦରେ ଅଟଳ ରହିଛନ୍ତି ରାଜସ୍ୱ ଅମଲା କର୍ମଚାରୀ । ରାଜ୍ୟବ୍ୟାପୀ ସମୂହ ଛୁଟିରେ ରହି ଧାରଣା ଦେଇଛନ୍ତି । ମନ୍ତ୍ରୀଙ୍କ ଚେତାବନୀ ପରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ରାଜସ୍ୱ ଅମଲାଙ୍କ ସମୂହ ଛୁଟିକୁ ବାତିଲ କରିଛନ୍ତି ସବୁ ଜିଲ୍ଲାପାଳ। ଏବେ ଅପେକ୍ଷା, ଜିଦରେ ଅଟଳ ଥିବା କର୍ମଚାରୀଙ୍କ ବିରୋଧରେ କି ପଦକ୍ଷେପ ନେଉଛନ୍ତି ସରକାର ।

## ମେଟ୍ରୋକୁ ନେଇ ମୋହନ ସରକାରଙ୍କ ବଡ଼ ଯୋଜନା : ନୂଆ ଡିଜାଇନରେ ଭୁବନେଶ୍ୱରରେ ହେବ ମେଟ୍ରୋ ପ୍ରକଳ୍ପ



ଭୁବନେଶ୍ୱର, ୧୪/୮ (ନି.ପ୍ର): ଗୋଟିଏ ବର୍ଷ ଧରି ମେଟ୍ରୋ ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗି ରହିଥିଲା। ଭୁବନେଶ୍ୱରବାସୀଙ୍କ ସ୍ୱପ୍ନ ପୂରଣ ହେବ ନା ମେଟ୍ରୋ ଦିବା ସ୍ୱପ୍ନ ହୋଇ ରହିଯିବ ? ଏଭଳି କଳ୍ପନା ଜଳ୍ପନା ଭିତରେ ପୁଣି ମୋହନ ସରକାର ମେଟ୍ରୋ ପ୍ରକଳ୍ପର ଆଶା ଦେଖାଇଛନ୍ତି । ଭୁବନେଶ୍ୱରରେ ଗଢ଼ିବ ବହୁ ପ୍ରତୀକ୍ଷିତ ମେଟ୍ରୋ ଟ୍ରେନ୍। ଏଥିପାଇଁ କିନ୍ତୁ ବିଳମ୍ବ ହୋଇପାରେ । ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରିସ୍ତରୀୟ ସବକମିଟିର ଦ୍ୱିତୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ପାଇଁ ଖୁବଶୀଘ୍ର କେନ୍ଦ୍ରକୁ ବିଧିବଦ୍ଧ ପ୍ରସ୍ତାବ ଦିଆଯିବ । ପୁରୁଣା ସରକାରଙ୍କ ପୁରୁଣା ପ୍ରକଳ୍ପକୁ ସଂପୂର୍ଣ୍ଣ ବନ୍ଦ କରିଛନ୍ତି ନୂଆ ସରକାର । ଟ୍ରାଫିକ ଜାମ୍ ଓ ଅନ୍ୟ କିଛି କାରଣରୁ ଏହି ପ୍ରକଳ୍ପକୁ ବନ୍ଦ କରାଯାଇଛି । ହେଲେ ବହୁ ଦିନ ଧରି ମେଟ୍ରୋ ପ୍ରକଳ୍ପ ବାବଦରେ ରାଜଧାନୀ ବାସୀଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲେ ସରକାର । ପ୍ରଥମେ କୁହାଗଲା ପ୍ରକଳ୍ପର ରୁଟ୍ ପରିବର୍ତ୍ତନ ହେବ। ତା'ପରେ କୁହାଗଲା ଭୁବନେଶ୍ୱରରୁ କଟକ ବଡ଼ ମେଡିକାଲକୁ ଗଢ଼ିବ ମେଟ୍ରୋ । ପରେ ମନ୍ତ୍ରୀ କହିଲେ ମାଟି ତଳେ ମେଟ୍ରୋ ଚାଲିବ । ଏଭଳି ଭିନ୍ନ ଭିନ୍ନ ତଥ୍ୟ ରାଜଧାନୀବାସୀଙ୍କୁ ଚିନ୍ତାରେ ପକାଇଥିଲା । ଏବେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି, କମିଟି ରିପୋର୍ଟ ପରେ ପରବର୍ତ୍ତୀ ପଦକ୍ଷେପ ନେବେ ସରକାର । ସବୁଠାରୁ ବଡ଼ କଥା ହେଉଛି ପୂର୍ବରୁ ପ୍ରକଳ୍ପ ପାଇଁ ସଏଲ ଟେଷ୍ଟିଂ ସହ ବିଭିନ୍ନ ପ୍ରକାର ସର୍ଭେ କରାଯାଇଥିଲା । କୋଟି କୋଟି ଟଙ୍କା ଖର୍ଚ୍ଚ କରି ଡିପିଆର ମଧ୍ୟ ପ୍ରସ୍ତୁତ ହୋଇଥିଲା । ସରକାରୀ ରାଜକୋଷରୁ ଅର୍ଥ ବିନିଯୋଗ କରିବା ପରେ ଏବେ ନୂଆ କଥା ବିଚାର କରାଯାଉଛି । ତେଣୁ ପ୍ରଶ୍ନ ଉଠୁଛି ମେଟ୍ରୋ ପ୍ରକଳ୍ପ କେବେ ଆରମ୍ଭ ହେବ? କେବେ ସୁଦ୍ଧା ସରିବ? କେଉଁ ରୁଟ୍ ଦେଇ ଯିବ ତାହା ସ୍ପଷ୍ଟ କରିନାହାନ୍ତି ସରକାର ।

## ବୟନ ଶିଳ୍ପ ଶ୍ରମିକ ପାଇବେ ଅତିରିକ୍ତ ମଜୁରୀ

ଭୁବନେଶ୍ୱର, ୧୪/୮ (ନି.ପ୍ର): ବୟନ ଶିଳ୍ପ ଶ୍ରମିକ ପାଇବେ ଅତିରିକ୍ତ ମଜୁରୀ । ପରିଧାନ ଓ ବୈଷୟିକ ବୟନ ଶିଳ୍ପରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ ଘୋଷଣା କଲେ ରାଜ୍ୟ ସରକାର । ପ୍ରତ୍ୟେକ ମହିଳା ଶ୍ରମିକଙ୍କ ପାଇଁ ମାସିକ ୭ ହଜାର ଟଙ୍କା ଏବଂ ପୁରୁଷ ଶ୍ରମିକଙ୍କ ପାଇଁ ମାସିକ ୬ ହଜାର ଟଙ୍କା ପ୍ରଦାନ କରିବେ ସରକାର । କମ୍ପାନୀ ପ୍ରତିଷ୍ଠା ଠାରୁ ପରବର୍ତ୍ତୀ ୫ ବର୍ଷ ପର୍ଯ୍ୟନ୍ତ ସରକାର କର୍ମଚାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବେ । ଏ ନେଇ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ରିଶୋଲ୍ୟୁସନ ପ୍ରକାଶ କରି ସୂଚନା ଦେଇଛି ।


DADLS-42



ପବିତ୍ର ସ୍ୱାଧୀନତା ଦିବସ - ୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

OIPR- 15001/13/0952/2526

DADLS-42

୭୯ତମ ସ୍ୱାଧୀନତା ଦିବସ
ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।
ଆସନ୍ତୁ, ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଲକ୍ଷ୍ୟ ସହିତ ରାଜ୍ୟ ଓ ଦେଶର ସାମଗ୍ରିକ ବିକାଶ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR- 15001/13/0952/2526

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତର କ୍ରେଡିଟ୍ ରେଟିଂ ଉନ୍ନୀତ: ଏକ ମାଇଲଖୁଣ୍ଟ, ଗନ୍ତବ୍ୟ ନୁହେଁ

ଆନ୍ତର୍ଜାତୀୟ ରେଟିଂ ସଂସ୍ଥା ଏସଆଣ୍ଡପି ଗ୍ଲୋବାଲ୍ ରେଟିଂସ, ୧୮ ବର୍ଷର ବ୍ୟବଧାନ ପରେ ଭାରତର ଦୀର୍ଘକାଳୀନ ସାର୍ବଭୌମ କ୍ରେଡିଟ୍ ରେଟିଂକୁ 'BBB'ରୁ 'BBB' କୁ ଉନ୍ନୀତ କରିଛି। ଏହା ସହିତ ସ୍ୱଳ୍ପକାଳୀନ ରେଟିଂକୁ ମଧ୍ୟ 'A-୩' ରୁ 'A-୨' କୁ ବୃଦ୍ଧି କରାଯାଇଛି ଏବଂ ଆଉଟଲୁକ୍ 'ସ୍ଥିର' (Stable) ରଖାଯାଇଛି । ଏସଆଣ୍ଡପି ଦ୍ୱାରା ଭାରତର ରେଟିଂକୁ ଶେଷ ଥର ପାଇଁ ଜାନୁଆରୀ ୨୦୦୭ ରେ 'BBB-' କୁ ଉନ୍ନୀତ କରାଯାଇଥିଲା, ଯାହାକି ସର୍ବନିମ୍ନ ପୁଞ୍ଜିନିବେଶ ଯୋଗ୍ୟ ସ୍ତର ଅଟେ ।

ଏହି ଘଟଣାର ଗୁରୁତ୍ୱ ବୁଝିବା ପାଇଁ ଆମକୁ ଇତିହାସକୁ ଦେଖିବାକୁ ପଡ଼ିବ। ଭାରତ ଦୀର୍ଘ ସମୟ ଧରି 'BBB-' ରେଟିଂରେ ସ୍ଥିର ରହିଥିଲା, ଯାହାକି ସର୍ବନିମ୍ନ ପୁଞ୍ଜିନିବେଶ ଯୋଗ୍ୟ ସ୍ତର ଅଟେ । ଏହାର ମୁଖ୍ୟ କାରଣ ଥିଲା ଦେଶର ଉଚ୍ଚ ଆର୍ଥିକ ନିଅଣ୍ଟ, ବୃହତ ସରକାରୀ ଋଣଭାର ଏବଂ ଅନ୍ୟ ସମକକ୍ଷ ଦେଶ ତୁଳନାରେ ନିମ୍ନ ମୁଣ୍ଡପିଛା ଆୟ । ଏହି କାରଣଗୁଡ଼ିକ ଯୋଗୁଁ ଅନେକ ସକାରାତ୍ମକ ସଙ୍କେତ ସତ୍ତ୍ୱେ ରେଟିଂ ସଂସ୍ଥାଗୁଡ଼ିକ ମାନ୍ୟତା ବଢ଼ାଇବାକୁ କୁଣ୍ଠାବୋଧ କରୁଥିଲେ । ତେଣୁ ବର୍ତ୍ତମାନର ଏହି ଉନ୍ନତି ଦର୍ଶାଉଛି ଯେ ଭାରତ ଏହି ଦୀର୍ଘ ଦିନର ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ କିଛି ମାତ୍ରାରେ ସଫଳ ହୋଇଛି।

ଏହି ଉନ୍ନତିକରଣ କୌଣସି ଆକସ୍ମିକ ଘଟଣା ନୁହେଁ, ବରଂ ଏହା ପଛରେ ଦୀର୍ଘ ଦିନର ନୀତିଗତ ପ୍ରୟାସ ଓ ଅର୍ଥନୈତିକ ପ୍ରଦର୍ଶନ ନିହିତ । କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରେ ଭାରତୀୟ ଅର୍ଥନୀତିର ଦୃଢ଼ ପ୍ରତ୍ୟାବର୍ତ୍ତନ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଲଗାତାର ଭାବେ ୭% ରୁ ଅଧିକ ହାରରେ ଜିଡିପି ଅଭିବୃଦ୍ଧି, ସରକାରଙ୍କ ଦ୍ୱାରା ପୁଞ୍ଜିଗତ ବ୍ୟୟ (capital expenditure) ଉପରେ ଅଧିକ ଗୁରୁତ୍ୱ ଏବଂ ଟିକସ ସଂଗ୍ରହରେ ସୁଧାର ଭଳି ପଦକ୍ଷେପ ଆର୍ଥିକ ସ୍ଥିତିକୁ ମଜବୁତ କରିଛି । ଏହା ସହିତ, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଗ୍ରହଣ କରାଯାଇଥିବା ସମୟୋଚିତ ପଦକ୍ଷେପଗୁଡ଼ିକ ମଧ୍ୟ ଅର୍ଥନୈତିକ ସ୍ଥିରତା ଆଣିବାରେ ସହାୟକ ହୋଇଛି । ଏସଆଣ୍ଡପି ଏହି ସମସ୍ତ କାରକକୁ ବିଚାରକୁ ନେଇ ନିଜର ନିଷ୍ପତ୍ତି ଶୁଣାଇଛି ।

ତେବେ, ଏହି ଉତ୍ସାହ ମଧ୍ୟରେ ଆତ୍ମସନ୍ତୋଷର କୌଣସି ସ୍ଥାନ ନାହିଁ। ଭାରତ ସମ୍ମୁଖରେ ଏବେ ବି ଅନେକ ଆହ୍ୱାନ ରହିଛି । ସରକାରୀ ଋଣ ଓ ଜିଡିପି ଅନୁପାତ ଏବେବି ଅନେକ ବିକଶିତ ଓ ବିକାଶଶୀଳ ଦେଶ ତୁଳନାରେ ଅଧିକ । ଦେଶର ନିମ୍ନ ମୁଣ୍ଡପିଛା ଆୟ ଏକ ସଂରଚନାଗତ ଦୁର୍ବଳତା, ଯାହାକୁ ଦୂର କରିବା ପାଇଁ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ । ଦ୍ରୁତ ଅଭିବୃଦ୍ଧିର ଲାଭ ଯେପରି ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚିପାରିବ, ତାହା ସୁନିଶ୍ଚିତ କରିବା ଏକ ବଡ଼ ଆହ୍ୱାନ । ଏହା ବ୍ୟତୀତ, ବୈଶ୍ୱିକ ଅର୍ଥନୀତିର ଅନିଶ୍ଚିତତା, ଭୂ-ରାଜନୈତିକ ଉତ୍ତେଜନା ଏବଂ ଜଳବାୟୁ ପରିବର୍ତ୍ତନ ଭଳି ବାହ୍ୟ କାରକଗୁଡ଼ିକର ପ୍ରଭାବକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ ।

ଏହି ରେଟିଂ ଉନ୍ନତି ଭାରତ ପାଇଁ ଅନେକ ନୂଆ ସମ୍ଭାବନାର ଦ୍ୱାର ଖୋଲିଦେଇଛି । ଏହାଦ୍ୱାରା ଆନ୍ତର୍ଜାତୀୟ ବଜାରରୁ ସରକାର ଓ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ କମ୍ ସୁଧ ହାରରେ ଋଣ ଆଣିବା ସହଜ ହେବ । ଏହା ବିଦେଶୀ ପୁଞ୍ଜିନିବେଶକୁ ଅଧିକ ଆକର୍ଷିତ କରିବ, ଯାହା ଭିତ୍ତିଭୂମି ନିର୍ମାଣ ଏବଂ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ। କିନ୍ତୁ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ଦେଶକୁ ନିରନ୍ତର ଭାବେ ଆର୍ଥିକ ସଂସ୍କାର ଜାରି ରଖିବାକୁ ପଡ଼ିବ । ନୀତିଗତ ସ୍ଥିରତା ବଜାୟ ରଖିବା ସହ ବ୍ୟବସାୟିକ ପରିବେଶକୁ ଆହୁରି ସରଳ କରିବାକୁ ହେବ। ସତ କହିବାକୁ ଗଲେ, ଏହି ରେଟିଂ ଉନ୍ନତି ଏକ ଗନ୍ତବ୍ୟ ନୁହେଁ, ବରଂ ଏକ ଦୀର୍ଘ ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ମାତ୍ର। ଏହି ସଫଳତାକୁ ପାଥେୟ କରି ଭବିଷ୍ୟତର ଆହ୍ୱାନଗୁଡ଼ିକର ମୁକାବିଲା କରିପାରିଲେ ହିଁ ଏକ ସୁଦୃଢ଼ ଓ ସମୃଦ୍ଧ ଭାରତର ସ୍ୱପ୍ନ ସାକାର ହୋଇପାରିବ।

# ଆହା ମୋ ନନ୍ଦ କୋଳେ ଗୋବିନ୍ଦ



**ଭୋଳାନାଥ ସାହୁ**

ଆନନ୍ଦ ହେଉଅଛି ମହୀ
କୃଷ୍ଣ ଜନ୍ମିବେ ଦେହ ବହି ॥
(ଶ୍ରୀମଦ୍ ଭାଗବତ)

ଯୁଗେ ଯୁଗେ ଅସତ୍ୟ ଓ ଅଧର୍ମ ର ବିନାଶ ନିମନ୍ତେ ଭଗବାନ ଅବତାର ଗ୍ରହଣ କରନ୍ତି । ଦ୍ୱାପର ଯୁଗର ଅବତାରୀ ଭାବରେ ଅବତାର ଗ୍ରହଣ କରନ୍ତି ଭଗବାନ ଶ୍ରୀକୃଷ୍ଣ । ଭଉଣୀ-ଭିଣୋଇଙ୍କୁ ଶଂଖୋଳି ଦେବାକୁ ଯାଉଥିବା ରାଜା କଂସ ଦଇବ ବାଣୀ ଶୁଣି ଦେବକୀ-ବସୁଦେବଙ୍କୁ କାରାରୁଦ୍ଧ କରି ରଖିଥିଲେ । ବନ୍ଦୀଶାଳାରେ ଦେବକୀଙ୍କ ଗର୍ଭଜାତ ୭ଗୋଟି ସନ୍ତାନଙ୍କୁ କଂସ ଶୀଳାରେ କଚାଡ଼ି ମାରିଥିଲା । ଅତ୍ୟାଚାରୀ କଂସର ନିଧନ ନିମନ୍ତେ ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ମାନବ ଦେହ ଧାରଣ କରି କଂସର ବନ୍ଦୀଶାଳାରେ ଧରାବତରଣ କଲେ ଭଗବାନ ଶ୍ରୀକୃଷ୍ଣ । କାରାଗାର ସମସ୍ତ ତାଲା ସ୍ୱୟଂଚାଳିତ ଭାବରେ ଖୋଲି ଯାଇଥିଲା । ସମସ୍ତ ଜାଗ୍ରତ ପ୍ରହରୀ ମାନେ ଗଭୀର ନିଦ୍ରାଶକ୍ତ ହୋଇପଡ଼ିଥିଲେ । ଆକାଶରେ ଘନକୃଷ୍ଣ ବାଦଲ ତାଣ୍ଡବ ରଚୁଥିଲା । ପ୍ରକୃତିର ଏପରି ଘନଘଟା ଭିତରେ ବସଦୁଦେବଙ୍କ ମସ୍ତକରେ ବାସୁକୀ ନାଗର ଫଣା ଉହାଡ଼ରେ ଉଜାଣି ଯମୁନା ପାରି ହୋଇ ଶ୍ରୀକୃଷ୍ଣ ପଦାର୍ପଣ କଲେ ଗୋପପୁରର ନନ୍ଦ ରାଜାଙ୍କ ଉଆସରେ ।

ଧର୍ମଶାସ୍ତ୍ର ଅନୁସାରେ ଚନ୍ଦ୍ରଦେବଙ୍କର ଅଭିଳାଷ ଥିଲା - ଶ୍ରୀହରି ଥରେ ତାଙ୍କ କୁଳରେ ଜନ୍ମଗ୍ରହଣ କରନ୍ତୁ । ତେଣୁ ଚନ୍ଦ୍ର ଦେବ ଭଗବାନ ବିଷ୍ଣୁଙ୍କୁ ଗୁହାରି କଲେ- "ହେ ବିଷ୍ଣୁ ! ଆପଣ ରାମ ଅବତାରରେ ସୂର୍ଯ୍ୟବଂଶରେ ଆବିର୍ଭାବ ହୋଇଥିଲେ । ଥରେ ମୋ ବଂଶରେ ଜନ୍ମ ନିଅନ୍ତୁ । ଏହାଦ୍ୱାରା ମୁଁ ଆପଣଙ୍କ ପୁର୍ବଜ ହେବାର ସୌଭାଗ୍ୟ ଲାଭ କରିବି ।" ସୂର୍ଯ୍ୟବଂଶରେ ସୂର୍ଯ୍ୟାଲୋକରେ ଜନ୍ମ ହୋଇଥିଲେ ଶ୍ରୀରାମ । ଚନ୍ଦ୍ର ବଂଶରେ ରାତ୍ରରେ ଜନ୍ମନେଲେ ଶ୍ରୀକୃଷ୍ଣ । ବୁଧ ଚନ୍ଦ୍ରଦେବଙ୍କର ପୁତ୍ର ହୋଇଥିବାରୁ ବୁଧବାରରେ, ରୋହିଣୀ ଚନ୍ଦ୍ର ଦେବଙ୍କର ପତ୍ନୀ ହୋଇଥିବାରୁ ରୋହିଣୀ ନକ୍ଷତ୍ରରେ ଏବଂ ଅଷ୍ଟମୀ ତିଥି ଶକ୍ତିର ପ୍ରତୀକ ହୋଇଥିବାରୁ ଅଷ୍ଟମୀ ତିଥିରେ ସର୍ବଶକ୍ତିମାନ ଶ୍ରୀକୃଷ୍ଣ ଜନ୍ମନେଇ ସାରା ଜଗତକୁ ପରିଚାଳନା କରିଥିଲେ । ଜନ୍ମ ସମୟରେ ଗ୍ରହ, ନକ୍ଷତ୍ର ମାନେ ଶାନ୍ତ ଥିଲେ । ପବନ ପ୍ରସନ୍ନ ଥିଲା, ଆକାଶର ତାରା ମାନେ ମିଂଜି ମିଂଜି ଆଲୋକ ପ୍ରଦାନ କରୁଥିଲେ । ପଶୁପକ୍ଷୀ ମାନେ ଆନନ୍ଦରେ ଝୁମି ଥିଲେ ଓ ନାନା ଧ୍ୱନି ମାନ ପ୍ରସରଣ କରିଥିଲେ । ବିଜୁଳି ଚମକିବା ସହିତ ଜୋରଦାର ବର୍ଷା ପ୍ରକମ୍ପିତ କରୁଥିଲା । ରାତ୍ରୀର ଅନ୍ଧାର ଭିତରେ କଇଁଫୁଲ ଫୁଟିଥିଲା - ଏ ପ୍ରକାରର ଘନଘଟାର ମଧ୍ୟରାତ୍ରୀରେ ଜନ୍ମ ନେଇଥିଲେ ଶ୍ରୀକୃଷ୍ଣ । କାରଣ ସହିତ କୁହାଯାଇପାରେ - "ପିତାଙ୍କ ଦ୍ୱାରା ନିର୍ଦ୍ୱନ୍ଦ୍ୱରେ ସ୍ଥାନାନ୍ତରିତ ହୋଇ ପାରିବେ ।" ବସୁଦେବ ଶ୍ରୀକୃଷ୍ଣଙ୍କୁ ଗୋପପୁରରେ ପହଂଚାଇବା ପରେ ତାଙ୍କୁ ଦଇବ ବାଣୀ ହେଲା - "ହେ ବସୁଦେବ ! ଗୋପପୁରରେ ଯଶୋଦାଙ୍କ କୋଳରେ ଥିବା କନ୍ୟା ସନ୍ତାନକୁ ନେଇ କଂସର ବନ୍ଦୀଶାଳାରେ ପହଂଚିବ ।" କଂସ ବନ୍ଦୀଶାଳାରେ ବସୁଦେବ ପହଂଚିବା ପରେ ଶିଶୁର କୁଆଁରାବ ଶୁଣି ପ୍ରହରୀ ମାନେ ଉଠିଲେ ଓ ରାଜା କଂସଙ୍କୁ କନ୍ୟା ଜନ୍ମ ହୋଇଥିବା ସମ୍ବାଦ ଜଣାଇଲେ । ଅପେକ୍ଷାରତ କଂସ ବନ୍ଦୀଶାଳାରେ ପହଂଚି କନ୍ୟାଟିକୁ ଧରି ଶିଳାରେ କଚାଡ଼ି ମାରିବା ପାଇଁ ଉଦ୍ୟତ ହୁଅନ୍ତେ ହାତରୁ ଶିଶୁକନ୍ୟା ଖସିଯାଇ ସମ୍ବାଦ ଦେଇଥିଲା - "ହେ କଂସ ! ତୋର ଶତ୍ରୁ ଜନ୍ମ ହୋଇ ଗୋପରେ ବଢୁଛି ।" କଂସର ମନରେ ଛନକା ପଶିଲା । ତେଣୁ ସେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରାକ୍ଷସ ମାନଙ୍କୁ କୃଷ୍ଣ ନିଧନ ନିମନ୍ତେ ଗୋପପୁରକୁ ପଠାଇଲା । ମାତ୍ର ସମସ୍ତ ମାୟାବୀ ରାକ୍ଷସ ମାନେ କୃଷ୍ଣଙ୍କ ଦ୍ୱାରା ନିହତ ହୋଇଥିଲେ । ଶେଷରେ କଂସ ନିଜର ଦୂତ ଅକ୍ରୁରକୁ ପଠାଇ କୃଷ୍ଣ ବଳରାମଙ୍କୁ ଧନୁ ଉତ୍ସବକୁ ଡ଼କାଇ ମାରିବାକୁ ଉଦ୍ୟମ କରିଥିଲେ । ମାତ୍ର କୃଷ୍ଣ ସମସ୍ତ ଅନ୍ୟାୟୀ ରାକ୍ଷସଙ୍କୁ ମାରି ଶେଷରେ କଂସକୁ ପାପର ଶାସ୍ତି ପ୍ରଦାନ କରିଥିଲେ।

ଦ୍ୱାପରର କୃଷ୍ଣଙ୍କ ଜନ୍ମ ଲୀଳା କଳିଯୁଗରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଠାରେ ଜନ୍ମାଷ୍ଟମୀ ରୂପେ ପାଳିତ ହେଉଅଛି । ଭାଦ୍ରବ ମାସ କୃଷ୍ଣ ପକ୍ଷ ସପ୍ତମୀ ତିଥିରୁ ବିଧି ମୁତାବକ ସନ୍ଧ୍ୟା ଆଳତୀ ଓ ସନ୍ଧ୍ୟା ଧୂପ ଶେଷ ହେବା ପରେ ଜେଉଡ଼ ଭୋଗ ପ୍ରସ୍ତୁତ ହୁଏ । ମୁଦିରସ୍ତ ସେବକ ତିନି ବାଡ଼ରେ ବନ୍ଦାପନା କରନ୍ତି । ମାତ୍ର ଏହି ଦିନ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଥରେ ଅଧିକ ବନ୍ଦାପନା କରାଯାଏ । ଯାହାକୁ "ଗର୍ଭଉଦକ ବନ୍ଦାପନା" କୁହାଯାଏ । ଗର୍ଭକଷ୍ଟକୁ ଲାଘବ କରିବା ପାଇଁ ଶାଗ, ଖିରୀ, ତରକାରୀ, ଝିଲି, ଆରିଷା ପ୍ରଭୃତିକୁ ନେଇ ଜେଉଡ଼ ଭୋଗ ପ୍ରସ୍ତୁତ ହୁଏ । ଏହାପରେ ସପ୍ତମୀ ଦିନର ଅନ୍ୟାନ୍ୟ ନୀତିକାନ୍ତି ପରିଚାଳିତ ହୁଏ ।

ଅଷ୍ଟମୀ ତିଥିରେ ସନ୍ଧ୍ୟାଧୂପ ଶେଷ ହେବା ପରେ ପୂଜା ପଣ୍ଡା ପଂଚବର୍ଣ୍ଣ ମୁରୁଜରେ 'ଜନ୍ମମଣ୍ଡଳ' କାଟିଥାନ୍ତି । ଯେଉଁଠାରେ ସେବକ ମାନେ ବସି ସଂକଳ୍ପ କରନ୍ତି । ସେଠାରେ ଏକ କଳସ ସ୍ଥାପନା କରାଯାଇ ପ୍ରଥମେ ବରୁଣଦେବତାଙ୍କୁ ବନ୍ଦାପନା କରାଯାଏ । ଅଙ୍କିତ ମଣ୍ଡଳର ଅଷ୍ଟପଦ୍ମ ପାଖୁଡ଼ା ଭିତରେ ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଲକ୍ଷ୍ମୀ, ଉଗ୍ରସେନ, ରୋହିଣୀ ଓ ଗାର୍ଗିଙ୍କ ଚିତ୍ର ଆଙ୍କି ମଧ୍ୟଭାଗରେ କୃଷ୍ଣ ମୂର୍ତ୍ତି/ପ୍ରତୀମା ରଖାଯାଏ । ଏହି ନବଗ୍ରହ ନିମନ୍ତେ ନଅଟି ପଂକ୍ତିଭୋଗ ଓ ଫୁଲ ଚନ୍ଦନ ଦେଇ ପଂଚ ଉପଚାରରେ ପୂଜା କରାଯାଏ । ନିଳାଦ୍ରୀମହୋଦୟରେ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି । ଯଥା - ପ୍ରଣବାଦିନ ମୋଅନ୍ତେନ ପୂଜୟେଚ୍ଚନ୍ଦନାଦିନୀ । ଗନ୍ଧାଦିନାପି ବିଧିନା ପୂଜୟେତ୍ ପୂଜକୋତମଃ । (ଦ୍ୱାବିଂଶ ଅଧ୍ୟାୟ - ୪୮ ଶ୍ଳୋକ)

ଏହାପରେ ଦକ୍ଷିଣିଘରୁ ମଦନ ମୋହନଙ୍କୁ ନଗ୍ନରୂପରେ ଅଣାଯାଇ ରତ୍ନସିଂହାସନରେ ବିଜେ କରାଯାଏ । ମହାପ୍ରଭୁଙ୍କ ଆଜ୍ଞାମାଳ ପାଇବା ପରେ ତାଙ୍କୁ ଜନ୍ମ ମଣ୍ଡଳରେ ବିଜେ କରାଯାଏ । ଦୁଇଜଣ ସେବାୟତ ଦେବକୀ ଓ ବସୁଦେବ ବେଶ ହୋଇ ଶ୍ରୀକୃଷ୍ଣଙ୍କ ଜନ୍ମବିଧି ସମ୍ପାଦନ କରନ୍ତି । ଏହା ପାଳନ କଲେ ଶ୍ରୀକୃଷ୍ଣ ପ୍ରୀତ ହୋଇଥାନ୍ତି । ନିଳାଦ୍ରୀମହୋଦୟ ଏହାକୁ ସୁନ୍ଦର ଭାବରେ ବର୍ଣ୍ଣନା କରି ଦର୍ଶାଇଅଛି ଯେ- ଏତସ୍ମିନ ମଣ୍ଡଳେ ଦିବ୍ୟେ କୃଷ୍ଣଜନ୍ମାର୍ଜନଂ ଯଦା । କର୍ତବ୍ୟଂ ନୃପଶାର୍ଦ୍ଦୁଳ ପ୍ରୀତଃ କୃଷ୍ଣୋ ନସଂଶୟଃ ॥ (ଏକବିଂଶ ଅଧ୍ୟାୟ -୪୦ ଶ୍ଳୋକ)



ଏହାପରେ ଦୁଗ୍ଧ, ଲହୁଣୀ, ଗଣ୍ଡୁଷ ମସଲା ଦେଇ ପୂଜାପଣ୍ଡା ମଣୋହି ଓ କର୍ପୁର ଆଳତୀ କରନ୍ତି । ବସୁଦେବଙ୍କ ମସ୍ତକରେ ବାସୁକୀନାଗର ଫଣା ସୁରକ୍ଷାରେ ମଦନମୋହନଙ୍କୁ ବିଜେ କରାଇ ଯମୁନା ନଦୀ କଳ୍ପନା କରାଯାଇ ସରସ୍ୱତୀ ମନ୍ଦିର ସମ୍ମୁଖ ପର୍ଯ୍ୟନ୍ତ ନିଆଯାଏ । ଯିବା ବାଟରେ ଉଗ୍ରସେନ ପଥ ଓଗାଳିଥାନ୍ତି । ମାତ୍ର କୃଷ୍ଣ ତାଙ୍କ ମସ୍ତକରେ ଶିରପାବାନ୍ଧି ମଥୁରାର ରାଜା ଭାବରେ ସମ୍ମାନ ଦିଅନ୍ତି । ସେ ରାସ୍ତା ଛାଡ଼ିଦିଅନ୍ତି । ପ୍ରସାଦଲାଗି ଓ ବନ୍ଦାପନା ଶେଷ ହେବାପରେ ନାଭିକଟା ମଣ୍ଡପକୁ ନେଇ ନାଭିଛେଦ କରାଯାଏ । ବ୍ରତଉପନୟନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଏଠାରେ ସମ୍ପାଦିତ ହୁଏ । ବଡ଼ସିଂହାର ଭୋଗଡ଼ାକରାରେ ରାମ, କୃଷ୍ଣଙ୍କୁ ରତ୍ନସିଂହାସନକୁ ଏବଂ ମଦନମୋହନଙ୍କୁ ଦକ୍ଷିଣିଘରକୁ ବିଜେ କରାଇ ରାତ୍ର ପହୁଡ଼ କରାଯାଏ ।

ନବମୀ ତିଥିରେ ମଙ୍ଗଳଆଳତି ଶେଷ ହେବା ପରେ ରାମ, କୃଷ୍ଣ ଓ ମଦନ ମୋହନଙ୍କୁ ଦୋଳିରେ ବିଜେକରାଯାଏ । ଉକ୍ତ ତିଥିରେ ସୁଭଦ୍ରାଙ୍କ ଆଜ୍ଞାମାଳ ଲାଗିହୁଏ । ପରେ ପରେ ରାମ, କୃଷ୍ଣ ଓ ମଦନମୋହନଙ୍କୁ ଦୋଳିରୁ ଓହ୍ଲାଇ ଖଟରେ ବିଜେ କରାଯାଏ । ଜଣେ ସେବାୟତ ଗୋଟିଏ ଦୁହାଁଳିଆ ଗାଈକୁ ଲକ୍ଷ୍ମୀମନ୍ଦିର ନିକଟକୁ ଆଣନ୍ତି । ସେବାୟତଙ୍କଦ୍ୱାରା ନନ୍ଦରାଜାଙ୍କୁ ପୁତ୍ର ଜନ୍ମ ହୋଇଥିବା ସମ୍ବାଦ ପ୍ରେରଣ କରି ଗୋଦୋହନ ପୂର୍ବକ ଦୁଗ୍ଧ ଅର୍ପଣପରେ ପ୍ରସାଦଲାଗି କରାଯାଏ । ଏହାପରେ ରାମ, କୃଷ୍ଣ ଓ ମୋଦନମୋହନଙ୍କ ବାହୁଡ଼ାବିଜେ ପରେ 'ନନ୍ଦଉତ୍ସବ' ଶେଷ ହୁଏ । ଦଶମୀ ତିଥିରେ ପୁରୀରେ ପ୍ରସିଦ୍ଧ ଗ୍ରାମଆଖଡ଼ାଶାଳ ଦ୍ୱାରା ଶ୍ରୀକୃଷ୍ଣଙ୍କ ବଣଭୋଜି ବେଶ, କୋଳିବିକାବେଶ, ବକାସୁରବେଶ, ଅଧାସୁରଲୀଳା, କୃଷ୍ଣବଳରାମବେଶ, ଧେନୁକାସୁରବଧ, ପ୍ରଳମ୍ବାସୁରବଧ, ଦାବାଗ୍ନୀଲୀଳା, ନିକୁଂଜଲୀଳା, ଦାହଲୀଳା, ବିମ୍ବାସୁରବଧ, କେଶୀବଧ, କଂସବଧଲୀଳା ପ୍ରଭୃତି ଅନୁଷ୍ଠିତ ହୁଏ । ଏହିପରି ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥାଏ ।

ଶ୍ରୀମନ୍ଦିରରେ ତେରଗୋଟି ମୁଖ୍ୟଯାତ୍ରା ସହିତ ୪୭ଗୋଟି ଉପଯାତ୍ରା ବା ପର୍ବପର୍ବାଣୀ ପାଳିତ ହୋଇଥାଏ । ଏ ସମସ୍ତ ମଧ୍ୟରୁ ଶ୍ରୀକୃଷ୍ଣ ଜନ୍ମ ବା ଜନ୍ମାଷ୍ଟମୀ ଅନ୍ୟତମ ମୁଖ୍ୟ ଉପଯାତ୍ରା । ଶ୍ରୀଜଗନ୍ନାଥଙ୍କର ପ୍ରତିଟି କ୍ଷୁଦ୍ର ବା ବୃହତ ଯାତ୍ରାହିଁ ମୁକ୍ତି ପ୍ରଦାୟକ । ମହାପ୍ରଭୁଙ୍କ ପର୍ବପର୍ବାଣୀ ବା ଉତ୍ସବ ଦିନ ମାନଙ୍କରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଅଶେଷ କୃପା ମିଳିଥାଏ । ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀଙ୍କ ବେଶକୁ ଯିଏ ଦର୍ଶନ କରିବ ସେ ଅବଶ୍ୟ ମୁକ୍ତିଲାଭ କରିବ - ଏହା ଜଗନ୍ନାଥ ସଂସ୍କୃତି ଓ ପରମ୍ପରାରେ ଲିପିବଦ୍ଧ ।

ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ
ଶିକ୍ଷାବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦

# ସ୍ୱାଧୀନତା ସମୟରେ କେତୋଟି ଅବିସ୍ମରଣୀୟ ଘଟଣାବଳୀ



**ଡ. ଶିଶିର କୁମାର କର**

ଶେଷରେ ୧୯୪୭ ଜୁଲାଇ ୪ ତାରିଖ ଦିନ ଭାରତ ସ୍ୱାଧୀନତା ବିଲ୍ ବ୍ରିଟିଶ୍ ପାର୍ଲାମେଣ୍ଟରେ ଉପସ୍ଥାପିତ ହେଲା ଏବଂ ଦୁଇ ସପ୍ତାହ ପରେ ଆଇନ୍‌ରେ ପରିଣତ ହେଲା । ଏହି ଆଇନ୍ ୧୯୪୭ ଅଗଷ୍ଟ ୧୫ ତାରିଖରୁ କାର୍ଯ୍ୟକାରୀ ହେବାକୁ ଘୋଷଣା କରାଗଲା ।

୧୯୪୭ ଅଗଷ୍ଟ ୧୪ ତାରିଖ ଦିନ ରାତି ବାରଟା ବାଜିବା ମାତ୍ରେ ୨୦୦ ବର୍ଷର (୧୭୫୭ ରୁ ୧୯୪୭) ବ୍ରିଟିଶ୍ ଶାସନରୁ ମୁକ୍ତ ହୋଇ ଭାରତର ସ୍ୱାଧୀନତା ଘୋଷଣା କରାଗଲା ଏବଂ ଅଖଣ୍ଡ ଭାରତ ଉପମହାଦେଶ ଭାରତ ଓ ପାକିସ୍ତାନ ନାମକ ଦୁଇଟି ରାଷ୍ଟ୍ରରେ ବିଭକ୍ତ ହେଲା । ବ୍ରିଟିଶ୍ ଜାତୀୟ ପତାକାକୁ ଅବନମିତ କରାଯାଇ ତା' ସ୍ଥାନରେ ଭାରତର ଜାତୀୟ ପତାକା ଉତ୍ତୋଳିତ ହେଲା ଏବଂ ତା' ସଙ୍ଗେ ସଙ୍ଗେ ଦୀର୍ଘ ଦିନ ଧରି ଚାଲିଥିବା ଭାରତୀୟ ସ୍ୱାଧୀନତା ସଂଗ୍ରାମର ପରିସମାପ୍ତି ଘଟିଲା ।

ଓଡ଼ିଶାର ସହରଠାରୁ ମଫସଲ ପର୍ଯ୍ୟନ୍ତ ହଜାର ହଜାର ନରନାରୀ ଓ ଛାତ୍ର ସମାଜ ଅଗଷ୍ଟ ପନ୍ଦର ତାରିଖ ଦିନ ସରକାରୀ ଓ ବେସରକାରୀ ସ୍ତରରେ ସଭା, ଶୋଭାଯାତ୍ରା ଓ ଆତସବାଜୀ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଧୀନତାର ଉତ୍ସବ ମହା ଧୁମ୍‌ଧାମ୍‌ରେ ପାଳନ କଲେ । ସ୍ୱାଧୀନ ଭାରତର ଜୟ ଓ ଗାନ୍ଧିଙ୍କ ଜୟ ଧ୍ୱନିରେ ବନ, ଗିରି ଓ ଜନପଦ ପ୍ରକମ୍ପିତ ହେଲା । ୧୪୪ ବର୍ଷର ପରାଧୀନ ଓଡ଼ିଶାର ଶେଷ ଗଭର୍ଣ୍ଣର ଚାନ୍ଦୁଲାଲ ତ୍ରିବେଦୀ ବିଦାୟ ନେଲେ ଏବଂ ତାଙ୍କ ସ୍ଥାନରେ ଅଗଷ୍ଟ ପନ୍ଦର ତାରିଖ ଦିନ ଶ୍ରୀଯୁକ୍ତ କୈଳାସ ନାଥ କାଟଜୁଙ୍କୁ ସ୍ୱାଧୀନ ଭାରତରେ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ଭାବେ ଅବସ୍ଥାପିତ ହେଲେ ।

ଓଡ଼ିଶାର ରାଜଧାନୀ କଟକରେ ସ୍ୱାଧୀନ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଉତ୍କଳ କେଶରୀ ଶ୍ରୀ ହରେକୃଷ୍ଣ ମହତାବଙ୍କ ନିର୍ଦ୍ଦେଶରେ ଅଗଷ୍ଟ ୧୫ ତାରିଖ ରାତିରେ 'ଯୁଗେ ଯୁଗେ ଭାରତ', ୧୬ ତାରିଖ ରାତିରେ 'ଯୁଗେ ଯୁଗେ ଓଡ଼ିଶା' ନାଟକ ମଞ୍ଚସ୍ଥ ହୋଇଥିଲା ।

ସ୍ୱାଧୀନତାର ଦୁଇଦିନ ପରେ ଅଗଷ୍ଟ ୧୭ ତାରିଖରେ ପଞ୍ଜାବ ଓ ବଙ୍ଗଳା ବିଭାଜନ ସଂକ୍ରାନ୍ତୀୟ ସୀମା କମିଶନ ରିପୋର୍ଟ ପ୍ରକାଶ ପାଇଲା । ଏହାପରେ ହିନ୍ଦୁ ମୁସଲମାନ ସଂଘର୍ଷ ପୂର୍ବାପେକ୍ଷା ଆହୁରି ଭୟାବହ ହୋଇ ଉଠିଲା। ଐତିହାସିକଙ୍କ ମତରେ ଏହି ସଂଘର୍ଷରେ ଅତି କମ୍‌ରେ ୬ ଲକ୍ଷ ଲୋକଙ୍କ ଜୀବନ ପ୍ରଦୀପ ଅକାଳରେ ଲିଭିଗଲା । ଏକ ଲକ୍ଷ ଝିଅ ବୋହୂ ଧର୍ଷିତା ହେଲେ । ମାନବ ଜାତିର ଇତିହାସରେ ଏହା ଯୁଗ ଯୁଗ ପାଇଁ ଏକ କଳଙ୍କ ରହିଗଲା।

"ବନ୍ଦେ ମାତରମ୍" ଏବଂ "ଜନ ଗଣ ମନ ଅଧିକାନୟକ ଜୟ ହେ" ଏହି ଦୁଇ ସଙ୍ଗୀତ ମଧ୍ୟରୁ କେଉଁ ସଙ୍ଗୀତକୁ ଜାତୀୟ ସଙ୍ଗୀତ ମର୍ଯ୍ୟାଦା ଦିଆଯିବ ସେଥିପାଇଁ ଏକ ସମ୍ବିଧାନ ପ୍ରଣୟନ ସଭା ବସିଲା । ସେହି ସଭାର ସଭାପତି ଥିଲେ ଡ. ରାଜେନ୍ଦ୍ର ପ୍ରସାଦ । କମିଟିର ସୁପାରିଶ୍ ଅନୁସାରେ ୧୯୫୦ ମସିହା ଜାନୁୟାରୀ ୨୪ ତାରିଖ ଦିନ ସମ୍ବିଧାନ ପ୍ରଣୟନ ସଭାର ସଭାପତି ଘୋଷଣା କଲେ ଯେ "ଜନ ଗଣ ମନ ଅଧିନାୟକ ଜୟ ହେ" ସଙ୍ଗୀତକୁ ଜାତୀୟ ସଙ୍ଗୀତର ମର୍ଯ୍ୟାଦା ଦିଆଯିବ ଏବଂ "ବନ୍ଦେ ମାତରମ୍"କୁ ଜାତୀୟ ଗୀତର ସମ୍ମାନ ଦିଆଯିବ । ତାହାହିଁ ହେଲା।

ବଙ୍କିମ ଚନ୍ଦ୍ରଙ୍କ ରଚିତ "ବନ୍ଦେ ମାତରମ୍" ସଙ୍ଗୀତ ପ୍ରତି ଅନେକ ସଂଗ୍ରାମୀ ଆକୃଷ୍ଟ ହୋଇଥିଲେ । ହେଲେ ଅନ୍ୟ କେତେକ ବିରୋଧ କଲେ ଏଥିରେ କେବଳ ହିନ୍ଦୁମାନଙ୍କ ମୂର୍ତ୍ତିର ସମ୍ମାନ କରାଯାଇଛି । ଅପର ପକ୍ଷରେ "ବନ୍ଦେ ମାତରମ୍"ର ସମର୍ଥକମାନେ ଦୃଢ ସ୍ୱରରେ ବିରୋଧ କରି କହିଥିଲେ – " ଆଜକୁ ଦୀର୍ଘ ୨୦ ବର୍ଷ ପୂର୍ବେ ପଞ୍ଚମ ଜର୍ଜଙ୍କୁ ସ୍ୱାଗତ କରିବା ପାଇଁ ଗାନ କରାଯାଇଥିବା ଜନ ଗଣ ମନ ଅଧିନାୟକ ଜୟ ହେ କେବେବି ଜାତୀୟ ସଙ୍ଗୀତର ମାନ୍ୟତା ପାଇ ପାରିବ ନାହିଁ । କଥାଟି ହେଉଛି ଏ ସଙ୍ଗୀତ ସେତେବେଳର ବ୍ରିଟିଶ୍ ସାମ୍ରାଜ୍ୟର ସମ୍ରାଟ ପଞ୍ଚମ ଜର୍ଜଙ୍କର ଭାରତ ଆଗମନ ବେଳେ ତାଙ୍କର ସ୍ୱାଗତ ଉଦ୍ଦେଶ୍ୟରେ ଏହି କବିତାକୁ ବିଶ୍ୱକବି ରଚନା କରିଥିଲେ । ତେଣୁ ଏହା ମାତୃବନ୍ଦନା ନୁହେଁ । ସ୍ୱାଧୀନତା ପରେ ଆମ ପାଖରେ ସିନ୍ଧୁ ରାଜ୍ୟ ନାହିଁ । ତେଣୁ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ତର୍ଜମା ହେବା ଉଚିତ୍ ।

ପରବର୍ତ୍ତୀ କିଛି ବର୍ଷ ପରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ ଓଡ଼ିଶା ଆଗମନ ସମୟରେ କବିବର ରାଧାନାଥ ରାୟଙ୍କ ରଚିତ "ସର୍ବେଶଂନୋ ଜନନୀ ଭାରତ" ବନ୍ଦନାଟି ଉଦ୍‌ବୋଧନୀ ସଙ୍ଗୀତ ଭାବରେ ଗାନ କରାଯାଇଥିଲା। ନେହେରୁ ସେ ସଙ୍ଗୀତର ଶବ୍ଦ ସଂଯୋଜନା, ରାଗ, ସ୍ୱର, ଲୟ ଆଦିରେ ଅବିଭୂତ ହୋଇ କହିଥିଲେ – "ଆଗରୁ ଏହି ସଙ୍ଗୀତ ଶୁଣିଥିଲେ ଅବସ୍ଥା ଅନ୍ୟପ୍ରକାର ହୋଇଥାନ୍ତା । ତେଣୁ ସମୟ ଆସିଛି "ସର୍ବେଷାଂନୋ ଜନନୀ ଭାରତ" ବନ୍ଦନାକୁ ଜାତୀୟ ସଙ୍ଗୀତର ମାନ୍ୟତା ଦେବା କଥା ବିଚାର ବିମର୍ଶ ହେବା ଉଚିତ୍ ।

ହିନ୍ଦୁ ମୁସଲମାନ ଦଙ୍ଗାକୁ ଲକ୍ଷ୍ୟ କରି ବାପୁଜୀ ୪୦ କୋଟି ଲୋକ ଉପବାସ ରହି ସ୍ୱାଧୀନତା ଦିବସକୁ ପାଳନ କରିବାକୁ ଚାହୁଁଥିଲେ । ଶପଥ ଗ୍ରହଣ ଉତ୍ସବ ପରେ ଜବାହାରଲାଲ ନେହେରୁ 'ଅଦୃଶ୍ୟ ଅଭିସାର' ଶିରୋନାମାରେ ଉଦ୍‌ବୋଧନ ଦେଇ କହିଥିଲେ – "ଆମ ଯୁଗର ସର୍ବୋଚ୍ଚ ବ୍ୟକ୍ତିଙ୍କର ଅଭିଳାଷ ହେଉଛି ପ୍ରତିଟି ଆଖିରୁ ଲୁହ ପୋଛିବା । ଯେପର୍ଯ୍ୟନ୍ତ ଲୁହ ଓ ଯନ୍ତ୍ରଣା ଅଛି, ସେ ପର୍ଯ୍ୟନ୍ତ କାମ ସରିନାହିଁ ।"

୧୯୪୮ ମସିହା ଜାନୁଆରୀ ୧ ତାରିଖ ଦିନ ନୂତନ ବୃହତ୍ତର ଓଡ଼ିଶାର ଜନ୍ମ । ସେହିଦିନ ଓଡ଼ିଶାର ୨୬ଟି ଗଡ଼ଜାତ ବା ଦେଶୀୟ ରାଜ୍ୟ ମଧ୍ୟରୁ ୨୫ଟିରୁ ଓଡ଼ିଶା ସହିତ ମିଶ୍ରଣ ହୋଇଥିଲା । ୧୯୪୯ ମସିହା ଜାନୁଆରୀ ୧ ତାରିଖ ଦିନ ଶେଷରେ ମିଶ୍ରଣ ହେଲା । ଏହି ମିଶ୍ରଣରେ ୰ହରେକୃଷ୍ଣ ମହତାବଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ସେ ଆମ ପ୍ରଦେଶର ଇତିହାସକୁ ମହିମାନ୍ୱିତ କରିଛନ୍ତି ।

+ଶ୍ରୀକଷ୍ଟପୁର, ବାଲେଶ୍ୱର

## କବିତା କୋଣାର୍କ



### ମୋ ଦେଶ
**ସୌଦାମିନୀ ପଣ୍ଡା**

ଫର ଫର ଉଡୁଛି ଦେଖ
ଆମ ଦେଶର ତ୍ରିରଙ୍ଗା
ଏହି ନୀଳ ଗଗନରେ ।
ଜଣାଉଛି ମୁଁ ସଭିଙ୍କୁ
ଆଜିର ଶୁଭକାମନା
ଏହି ଶୁଭ ଲଗନରେ ।
ଧନ୍ୟ ହୋଇଛି ଜୀବନ
ପାଇଁ ତା ଗର୍ଭ ଠୁ ଜନ୍ମ
ଏହି ପବିତ୍ର ଭୁବନରେ ।
ରଖି ମନେ ଧୈର୍ଯ୍ୟ ସାହସ
ସୁରକ୍ଷା କବଚ ସାଜିଛି ମାର
ଆମ ଯବାନ ଦେଶ ସୀମାରେ ।
ଦେଶର ସମ୍ମାନ ଆମରି ସମ୍ମାନ
ରଖିବାକୁ ହେବ ତା ଅଭିମାନ
ମୁଣ୍ଡ ଟେକି ରହିବ ଅନ୍ୟ ଆଗରେ ।
ଦେଖ, ସବୁଠି ଉଡୁଛି
ଆମ ଜାତିର ଧ୍ୱଜା
କରିବା ତା ଜୟ ଗାନରେ ।

+ବାରିହିପାଲି (ପଦ୍ମପୁର )
ବରଗଡ

### ତୁମେ ସେହି ଅଗଷ୍ଟ ପନ୍ଦର
**ନୀଳମଣି ଚାନ୍ଦ**



ତୁମେ ଖାଲି ତାରିଖ ନୁହଁ
ଗୋଟେ ଅପାସୋରା ଦିନ
ବିଚିତ୍ର, ବର୍ଣ୍ଣିଳ
ଅନ୍ୟ ତାରିଖଠୁଁ ଭିନ୍ନ,
ଗୋଟେ ପୁଣ୍ୟ ତିଥି
ଉଣେଇଶ ଶତଚାଳିଶରୁ
ସୁବର୍ଣ୍ଣ ପାଳିତ ହୋଇ ଆସୁଛ
ଜାକଜମକରେ ଏମିତି।

ପରାଧୀନତାର ବେଡ଼ିକୁ ଖୋଲିଲ
ଆମ ହାତେ ତ୍ରିରଙ୍ଗା ଧରେଇଲ
ଜନ-ଗଣ -ମନ ଗାଇବାକୁ
ଶିଖେଇଲ
ବନ୍ଦେ ମାତରମ୍ ସ୍ଲୋଗାନ୍ ଦେବାକୁ
ବତେଇଲ
'ମୁଁ ପରା ସ୍ୱାଧୀନତା ଦିବସ' କହିଲ
ତୁମେ ଅଗଷ୍ଟର ତାରିଖଟିଏ
ଲାଗ ଖୁବ୍ ଭଲ
ଆସିଗଲେ ଲାଗେ ସବୁ
ହୋଇଯାଏ ହଲଚଲ ।

+ ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

### ଅଗଷ୍ଟ ପନ୍ଦରରେ
**ପୁଷ୍ପାଞ୍ଜଳି ପଣ୍ଡା**

ଆଜି ଅଗଷ୍ଟ ପନ୍ଦରରେ
ରାସ୍ତାରେ
ଘର ଘର ତିରଙ୍ଗା
ହର ଘର ତିରଙ୍ଗା
ଶ୍ଳୋଗାନ ଦେଇ
ରାସ୍ତା, ସାହି, ଗଳି, କନ୍ଦି କମ୍ପାଇ
ଯାଉଛନ୍ତି କିଛି ସ୍କୁଲ କଲେଜର ପିଲା
ସାଥିରେ ଆଉକିଛି ସ୍ଲୋଗାନ ମିଶେଇ।
ଅଥଚ
ଆଗପରି ସ୍ୱାଧୀନତା ଦିବସର
ମହତ୍ୱ ର ଉପଲବ୍ଧି ହେଉ ନାହିଁ ଜମା।
ସ୍ୱାଧିନତା ସଂଗ୍ରାମର ପାଳନର ଥାଏ
କି ଉପମା...!!!
ସ୍ୱତନ୍ତ୍ରତା ଦିବସ ତ ସର୍ବଦା ସ୍ୱତନ୍ତ୍ର
ସ୍ୱାଧିନତା ବଞ୍ଚିବାର ଏକ ମହାମନ୍ତ୍ର ॥
ମହାତ୍ମାଗାନ୍ଧୀ କି ଜୟ
ସୁଭାଷ ବୋଷ କି ଜୟ
ଜୟ ଜବାନ ଜୟ କିସାନ
ଇନ୍ କିଲାବ ଜିନ୍ଦାବାଦର ନାରା
ସ୍ୱାଧିନତା ଦିବସର ପାଳନର ଧାରା
ଏମିତି ବଦଳି ଯିବାରେ
ମିଠାପଣ କମିଯିବାରେ
ଭାରତୀୟ ମନ ମୋର
ହାତ ଯୋଡେ ଶହୀଦଙ୍କ ପାଇଁ
ବନ୍ଦେ ମାତରଂ ଗାଇ ॥
ଯେବେ ତିନି ରଙ୍ଗ ଭରା କାଗଜ ପତାକା
ଅଜାଣତେ ଖସିପଡେ
ଛୋଟ ଝିଅ ହାତ ମୁଠାରୁ
ଗୌରବ ଦେଖାଇ, ପତାକା ଉଠାଇ
ସଲାମ୍ ଦିଅନ୍ତି ଯେବେ
ମଧୁ ମାଷ୍ଟ୍ରେ, ହୃଷିକେଶ ସାର,
ଭଲଲାଗେ ଗର୍ବ ଲାଗେ ଭାରତୀୟ
ବୋଲି।
ସ୍ୱାଧୀନତା ଅଟେ ଆମ ଜନ୍ମ ଅଧିକାର
ପରାଧୀନ ନୋହୁଁ ଆମେ
ଆମେରେ ସ୍ୱାଧୀନ।
ଇତିହାସ ଅଛି ସାକ୍ଷୀ
ଦେଶ ଆଗ ଆଉ ସବୁ ପଛ ॥
ସ୍ମୃତି ଚାରଣ ରେ
ଭୁଲି ନାହୁଁ ବୀର ପୁରୁଷଙ୍କୁ
ଯାହାଙ୍କର ବୀରତ୍ୱର ଗାଥା,
ବିଶ୍ୱ ଦରବାରରେ ଏବେ ଠିଆ
ଆମେ ଭାରତୀୟ
ସଗର୍ବରେ ଟେକି ତା'ର ମଥା ॥
ଆହୁରି ଅନେକ ମହାନ କାମ
ବାକି ଅଛି
ଭାରତ ମାଆର,
ଏକ ଦେଶ ଏକ ରାଷ୍ଟ୍ର ଏକ ଆତ୍ମ
ମିଶାଇ ସେ ଆରମ୍ଭିବ ବିଶ୍ୱ ଅଭିଯାନ
ଚାନ୍ଦ୍ରାୟନ ସଫଳତା ପରି
ଭାରତର ସ୍ୱାଧୀନତା ଦିବସରେ
କରିବା ଶପଥ
କରାଇବା ଆମ ଦେଶ ବିଶ୍ୱସ୍ତରେ
ସର୍ବଦା ମହାନ ॥

+ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା

## ସ୍ୱାଧୀନତାର ଅନୁଚିନ୍ତା: ବିକାଶ ପଥରେ କାନ୍ଧରେ କାନ୍ଧ ମିଶାଇ ଏକତା ମନ୍ତ୍ରରେ କାର୍ଯ୍ୟ କରିବା

### ହୃଷିକେଶ ପୁହାଣ



ସ୍ୱାଧୀନତାର ୭୯ ବର୍ଷ ପରିପ୍ରେକ୍ଷୀରେ ଦେଶବ୍ୟାପୀ ମହମବତୀ ସ୍ୱାଧୀନତା ପଦଯାତ୍ରା, ମନ୍ତ୍ରୀ, ଲୋକପ୍ରତିନିଧିମାନଙ୍କ ଦ୍ୱାରା ସ୍ୱାଧୀନତା ଆନ୍ଦୋଳନର ସ୍ମାରକୀସ୍ଥଳୀ ଏବଂ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ସ୍ଥଳୀର ପରିଦର୍ଶନ, ଶହୀଦ, ସ୍ୱାଧୀନତା ସଂଗ୍ରାମୀ ଜ୍ଞାତି ପରିଜନଙ୍କୁ ସମ୍ବର୍ଦ୍ଧନା ଆୟୋଜିତ ହେବ। ସ୍ୱାଧୀନତାର ମୂଲ୍ୟ ଆଜି ଭାରତୀୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ଛତ୍ରେ ଛତ୍ରେ ଅନୁଭୂତ। ସହର ଠାରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନତା, ବିଗତ ୭୮ ବର୍ଷ ମଧ୍ୟରେ ସ୍ୱାଧୀନତାର ସୁଫଳକୁ ଉପଲବ୍ଧ କରିଛନ୍ତି। ଭାରତ, ୧୯୪୭ ମସିହାରେ ଯେଉଁ ସ୍ଥିତିରେ ଥିଲା, ସେହି ସ୍ଥିତିରେ ଆଜି ବିରାଟ ପରିବର୍ତ୍ତନ ଘଟିଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ଭାରତ ଆଜି 'ବିଶ୍ୱ ଗୁରୁ'ର ଗୌରବ, ପ୍ରତିଷ୍ଠା, ସମ୍ମାନ ପାଇପାରିଛି। ଭାରତ ମାତାର କୃତୀ ସନ୍ତାନ ଭାବେ ମୋଦିଜୀ ତାଙ୍କ ଦେଶବାସୀଙ୍କ ପ୍ରତି ପ୍ରତିଟି ସେବାକୁ ଜଣେ ସେବକ ଭାବେ ନିଜକୁ ପ୍ରତୀୟମାନ କରିବାରେ ସଫଳ ହୋଇଛନ୍ତି। ନିରନ୍ତର ଭାରତର ବିକାଶ ପାଇଁ ତାଙ୍କ ପ୍ରଚେଷ୍ଟା ଆଜି ଭାରତକୁ ବିଶ୍ୱର ଏକ ସର୍ବବୃହତ୍ ମଜଭୁତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପ୍ରତିଷ୍ଠା କରିପାରିଛି। ଏକ ପରିସଂଖ୍ୟନର ତଥ୍ୟ ଅନୁଯାୟୀ ୨୦୩୦ ସୁଦ୍ଧା, ଭାରତ ବିଶ୍ୱର ସମୃଦ୍ଧ ରାଷ୍ଟ୍ରମାନଙ୍କ ମଧ୍ୟରେ ସ୍ଥାନ ପାଇବ। ଲୋକସଂଖ୍ୟା ଦୃଷ୍ଟିରୁ ଦେଶର ପ୍ରାୟ ୫୦ ପ୍ରତିଶତ ଜନସଂଖ୍ୟାଙ୍କ ବୟସ ୨୫ ବର୍ଷରୁ ୩୦ ବର୍ଷ ମଧ୍ୟରେ। ୬୫ ପ୍ରତିଶତ ଜନସଂଖ୍ୟା ବୟସ ୪୫ ବର୍ଷ ମଧ୍ୟରେ। ଏତେ ସଂଖ୍ୟକ ଯୁବ ମାନବ ସମ୍ବଳ, ବିଶ୍ୱର କୌଣସି ଦେଶରେ ଦେଖାଯାଏ ନାହିଁ। ଭାରତ ଯଦି ତାର ମାନବ ସମ୍ବଳକୁ ଉପଯୁକ୍ତ ଭାବେ ଆଗାମୀ ଦିନରେ ନିୟୋଜିତ କରିପାରିବ, ତେବେ ସବୁ ଦିଗରେ ଭାରତ ଏକ ସମୃଦ୍ଧ ତଥା ଅତ୍ୟାଧୁନିକ ଦେଶ। ଆଜି ପ୍ରତିରକ୍ଷା କ୍ଷେତ୍ରରେ କାହାକୁ ଭୟ କରିବା ନାହିଁ। ଆଣବିକ ଅସ୍ତ୍ରଶସ୍ତ୍ରରେ ଆଜି ଆମେ ସୁସଜ୍ଜିତ। ଅପରେସନ ସିନ୍ଦୂରକୁ ଏକ ବଡ଼ ଉଦାହରଣ ଭାବେ ନିଆଯାଇପାରେ। ଭାରତ ବର୍ଷରେ ମୋଦିଜୀଙ୍କ ସରକାର ସେନାବାହିନୀକୁ ଦେଶର ସୁରକ୍ଷା, ଶତ୍ରୁ ମୁକାବିଲା ସହ ଆତଙ୍କବାଦୀ ଓ ମାଓବାଦୀଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ୱନ କରୁଛନ୍ତି। ସେନାବାହିନୀକୁ ନିଷ୍ପତ୍ତି ଓ ଜବାବ ଦେବା କ୍ଷେତ୍ରରେ ଅଖଣ୍ଡ, ଖୋଲା ହାତ ପ୍ରଦାନ କରାଯାଇଛି। ସେନା ଆଜି ନିଜେ ନିଜର ନିଷ୍ପତ୍ତି ନେଇ ଶେର ସୁରକ୍ଷାକୁ ଅତ୍ୟନ୍ତ କଡ଼ାକଡ଼ି କରିପାରୁଛି। ଯାହାପାଇଁ ମୋଦିଜୀଙ୍କ ନେତୃତ୍ୱରେ ଭାରତବାସୀ ଆଜି ଶାନ୍ତିରେ ନିଶ୍ୱାସ ନେଇପାରୁଛନ୍ତି।

ଭାରତର ସ୍ୱାଧୀନତା ଦିବସ ଅବସରରେ ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ, ସ୍ୱାଧୀନତା ଦିବସ ଅବସରରେ, ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଛନ୍ତି 'ବିକାଶ ପଥରେ ଆଗେଇ ନେବା ଲାଗି, ଆମକୁ କାନ୍ଧରେ କାନ୍ଧ ମିଶାଇ, ଏକତା ବଜାୟ ରଖି କାର୍ଯ୍ୟ କରିବା ଆବଶ୍ୟକ।' ଆମ ରାଜ୍ୟ ଓଡ଼ିଶା ମଧ ପ୍ରଗତି ପଥରେ, ପଛରେ ପଡ଼ିନାହିଁ। ଓଡ଼ିଶାରେ ନବଗଠିତ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ଲୋକଙ୍କ ସରକାର' ବାସ୍ତବରେ ଡବଲ ଇଞ୍ଜିନର ପ୍ରଗତି କ୍ଷେତ୍ରରେ ଓଡ଼ିଶା ଆଜି ସ୍ୱତନ୍ତ୍ର ଓ ଅନନ୍ୟ ହୋଇପାରିଛି। ସଡ଼କ ଠାରୁ ଯାଗାଯୋଗ, କୃଷି ଠାରୁ ଶିକ୍ଷା, ପାନୀୟଜଳ ଠାରୁ ଜଙ୍ଗଲ ଓ ପରିବେଶ, ଶିଶୁ ବିକାଶ ଠାରୁ ପାନୀୟ ଜଳ, ଭିତ୍ତିଭୂମି, ଶିଳ୍ପାୟନ ସବୁ କ୍ଷେତ୍ରରେ ଓଡ଼ିଶା ଆଜି ଭାରତର ଏକ ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟର ମାନ୍ୟତା ପାଇଛି। ରାଜ୍ୟବାସୀ ପାଇଛନ୍ତି ମୋହନ ଚରଣ ମାଝୀଙ୍କ ପରି ଏକ ସରଳ ମଣିଷ ମନ ବୁଝିପାରୁଥିବା ଜନନେତାଙ୍କୁ। ସାଧାରଣରେ ଏକ ସ୍ୱାଧୀନ ଦେଶର ନାଗରିକମାନଙ୍କ ସମ୍ମାନର ସହ ବଞ୍ଚିବା ପାଇଁ ଏ ସମସ୍ତ ଅତ୍ୟାବଶ୍ୟକୀୟ ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆଜି ଲୋକଙ୍କ ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି ରାଜ୍ୟରେ ସବୁ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରାଯାଉଛି। ରାଜ୍ୟର ବିକାଶ ପାଇଁ କେନ୍ଦ୍ରର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଓଡ଼ିଶାକୁ ପୂର୍ବ ଭାରତର ବିକାଶର ମୁଖ୍ୟ କେନ୍ଦ୍ର ଭାବେ ଯେଉଁ ଯୋଜନା ରଖିଛନ୍ତି ସେଥିରେ ଅନେକ ପ୍ରକଳ୍ପ ପାଇଁ ବ୍ୟାପକ କେନ୍ଦ୍ରୀୟ ପାଣ୍ଠି ଓ ଅନୁଦାନ ଆସୁଛି। ରାଜ୍ୟର ବିକାଶ ଓ ଦେଶର ବିକାଶ କ୍ଷେତ୍ରରେ ସରକାର ଓ ପ୍ରଶାସନକୁ ନିର୍ମଳ ସ୍ୱଚ୍ଛ ଶାସନ ନିମିତ୍ତ ଆମ ମାନଙ୍କର ସହଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁସ୍ଥ, ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ସମାଜ ସ୍ୱାଧୀନତା ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ହେଉ। ଆମ ଅଖଣ୍ଡ, ସେହି ବିଶ୍ୱ ଗୁରୁର ଭାରତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସେବା ଭାବନାରେ ଯେଉଁ ଗୁରୁ ଦାୟିତ୍ୱ ନିର୍ବାହ କରୁଛନ୍ତି ବିକାଶର ରାସ୍ତାରେ ଆହୁରି ଆଗେଇ ଚାଲୁ ଏବଂ ଦେଶ ନିମିତ୍ତ, ଭାରତ ମାଆର ସମ୍ମାନ ନିମିତ୍ତ ସବୁ କ୍ଷେତ୍ରରେ ସରକାର ପ୍ରଶାସନ ବ୍ୟବସ୍ଥା, ସେନା ବାହିନୀଙ୍କୁ ଆମର ସମର୍ଥନ, ଶ୍ରଦ୍ଧା, ସମ୍ମାନ ରହିଆସିଛି ଏବଂ ପ୍ରତିଟି ଭାରତୀୟଙ୍କ ରକ୍ତବିନ୍ଦୁରେ ଭାରତର ବୀର ଯବାନଙ୍କ ପ୍ରତି ଭଲ ପାଇବା ଓ ଶ୍ରଦ୍ଧା ଆବେଗ ଚିର ଅତୁଟ।


ଥାଇଲୋ, ଅଲିକଣ୍ଡା, ବାଲିକୁଦା,
ଜଗତସିଂହପୁର-୭୫୪୧୦୮,
ମୋ : ୭୦୦୮୪୩୮୯୫୯


## ଧନ୍ୟ ମାତୃଭୂମି...

### ଲକ୍ଷ୍ମୀପ୍ରିୟା ପୃଷ୍ଟି

ମୋ ରାଷ୍ଟ୍ର ପରା ଏମିତି ରାଷ୍ଟ୍ର
ବିଶ୍ୱ ଗୁରୁ ଯେ ସିଏ
ସତ୍ୟ, ଅହିଂସାର ମନ୍ତ୍ର ଶିଖାଇ
ଜାତିକୁ ଜୀବନ ଦିଏ ।

ହିମାଳୟ ଯାର ମୁକୁଟ ପ୍ରାୟ
ଶୋହୁଥାଏ ଶିର ଦେଶେ
ହରିତ ବନାନୀ ହସରେ ଭୁଲାଏ
ରୂପସୀ ବଧୂ ବେଶେ ।

ଗଙ୍ଗା, ଗୋଦାବରୀ ଯା ବକ୍ଷେ ଶୋହନ୍ତି
ପତିତେ ଉଦ୍ଧାର କରି
ଗାଉଥାଏ ନିତି ଶାନ୍ତ ସମୀର
ତାହାରି ଗୁଣ ସୁମରି ।

ମୋ ଦେଶ କୃଷକ ଭୁଲି ରୋଗ ଶୋକ
ମାଟିରେ ଫଳାଏ ସୁନା
ମୋତିଟିଏ ପରି ଝଲସୁଥାଏ ସେ
ଆନ ଓଠେ ଭରି ଦାନା ।

ସୀତା, ସାବିତ୍ରୀର ଦେଶ ଇଏ ପୁଣି
ନାରୀ ସଦା ବୀରାଙ୍ଗନା
ସୌଭାଗ୍ୟ ତାର ନିତି ଯୁଝୁଥାଏ
କଷଣ ଧାରରେ ସିନା ।

ହାରେନାହିଁ ସିଏ ହାରିଯାଏ ପରା
ଛଳ କଉଶଳ କାର
ହସି ହସି ସିଏ ମୃତ୍ୟୁକୁ ଆବୋରେ
ରଖି ମହତର ଶିର ।

କଳା, ବିଜ୍ଞାନର କାଉଁରୀ ଛୁଆଁରେ
ଦେଶ ଲେଖେ ମହାଭାରତ
କୋଟି ବିଶ୍ୱବାସୀ ତରାଟି ଚାହାଁନ୍ତି
ଧନ୍ୟ, ଧନ୍ୟ ତୁ ଭାରତ ।

ଜନନୀ ଆଖିର ଲୋତକ ଲୁଚାଇ
ପୁଅକୁ ପିନ୍ଧାଏ ଶିରପା
ଜନ୍ମଭୂମି ପାଇଁ ବଳିଦାନ ଦେଇ
ହେବାକୁ ଜଗତଜିତା ।

ରାଷ୍ଟ୍ର ମୋର ନୁହେଁ ମାଟିର ଦେହଳି
କୋଟି ବୀର ରକ୍ତେ ଗଢ଼ା
ରଜା, ପ୍ରଜା ଏଠି ଲକ୍ଷ୍ୟ ଗୋଟିଏ
ତ୍ରିରଙ୍ଗା ସମ୍ମାନ ଲୋଡ଼ା ।

ଶତ୍ରୁ ପାଇଁକି ଶକ୍ତ ସଇନିକ
ହାତର ହତିଆର
ଧନ୍ୟ ମାତୃଭୂମି ଧନ୍ୟ ମାଆ ଲୋ
ତୋ ପାଦେ କୋଟି ନମସ୍କାର ।


+ଅଧାପିକା, ଓଡ଼ିଆ ବିଭାଗ
ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ
ଯାଜପୁର, ୭୫୫୦୦୬,
ମୋ: ୭୩୭୭୩୧୮୭୮୯


## ଅନ୍ଧ

### ପ୍ରୀତିଲେଖା ଦାସ

କାହିଁ ମୋ' ଆଖିରେ
ସେତିକି ଆଲୁଅ,
ପଢିପାରିବି ମୁଁ
ମୋ' ଦେଶର ମହନୀୟତା
ଲେଖିବି ତା'ର ସୁନ୍ଦରତାକୁ ନେଇ
ଦୁଇଧାଡିର କବିତା ।

ଓଁକାର ଧ୍ୱନିରେ
ଆୟୁଷ୍ମାନ ଯେଉଁ ଦେଶ
'ବସୁଧୈବ କୁଟୁମ୍ବକମ୍' ଯା'ର ସିଦ୍ଧାନ୍ତ
ଶିରା ପ୍ରଶିରାରେ ପହଁରେ
'ଅତିଥି ଦେବୋ ଭବଃ'
'ସର୍ବେ ଭବନ୍ତୁ ସୁଖୀନଃ'ର
ଚିରନ୍ତନୀ ସୁଖ,
ସେହି ଦେଶ କେବେ ଦିଶେ ମୋତେ
ଜ୍ୱଳନ୍ତା ମଶାଣି
ସ୍ୱାଧୀନତା, ମଶାଣିର ଦରପୋଡା କାଠ
ସମ୍ବିଧାନ, ଗୋଟିଏ ଫୁଲିଲା ନଈ
ଆଁ' ମେଲା' ଧର୍ମର ମୁହଁ ସବୁ
ଗୋଟିଏ ଗୋଟିଏ ଭଉଁରୀ ।

ବେଶ୍ କିଛି ଆକୁଳତା
କିଛି ନିରବ ଚିତ୍କାରକୁ ନେଇ
ତୁଣ୍ଡିବନ୍ଧା ଜନଗଣ
ପୋତି ଦେଉଥିଲାବେଳେ
ବାଉଁଶ କଣି କରି ନିଜକୁ ମାଟିରେ
ଅମୃତ ଇଚ୍ଛାମାନଙ୍କର ସତେଜପଣକୁ ନେଇ
ଫରଫର ଉଡୁଥାଏ ଗୋଟିଏ ତ୍ରିରଙ୍ଗା
ଅଗଷ୍ଟର ଆକାଶରେ।
ଭଙ୍ଗା ଚାଳିଆରୁ
ଧୂଆଁ ଉପରକୁ ଉଠିଲା ପରି,
ବିଫଳତା, ବିଦ୍ରୋହ ଯେତେ
'ଜୟ ହେ, ଜୟ ହେ' ର ନାରା ଦେଇ
ବାହାରୁଥାନ୍ତି ଛାତିଚିରି।

ମୁଁ ତ ଅନ୍ଧତ୍ୱ ନେଇଛି ବରି
ମରି ଯାଉଥିବି
ସରି ଯାଉଥିବି
ଆପଣାର ଭାରିପଣରେ
ଆକାଶର ମେଘଖଣ୍ଡ ପରି,
ମୁଁ ତ ଅନ୍ଧତ୍ୱ ନେଇଛି ବରି।


+ ମାର୍ଫତ/ ହିମାଂଶୁ ଦାସ
ଭୋଇସାହି, ବାଲେଶ୍ୱର
ମୋ: ୯୮୫୩୩୪୪୬୮୮


## ଯୁଦ୍ଧ

### ଶୁଭଶ୍ରୀ ଜେନା

ମାଟିରୁ ଜାତ ହେ ମାଟିର ମଣିଷ
ମାଟିର ରକ୍ଷକ ସାଜ
ମାଟି ପାଇଁ କେତେ ଲଢି ବୀର ମାନେ
ରଖି ଗଲେ ଯଶ ମାନ ।

ଗୋରା ସାହେବଙ୍କ କଳା ଭେଦଭାବ
ଆଣିଲା ମନେ ବିପ୍ଳବ
ଜାତିର ପିତା ମହାତ୍ମା ଗାନ୍ଧୀ ସେ
ଡାକରା ଦେଲେ ଭାରତ ଛାଡ଼ଆନ୍ଦୋଳନ ।

ତାଙ୍କରି ସନ୍ତାନ ହୋଇଣ ଯେ ଆମେ
ଦେବନାହିଁ ପଛଘୁଞ୍ଚା
ଛାତି ଦେଖେଇବା ଗୁଳି ବାଜିଗଲେ
ସେହିଠାରେ ଟଳି ଯିବା ।

ଯା' ମନେ ଦେଶ, ପୀରତିର ଭାବ
ଆସିନାହିଁ ବୋଲି ଜାଣ
ସେ କି ରଖିବ ମା ଭଉଣୀଙ୍କ
ଶଙ୍ଖା ସିନ୍ଦୂରର ମାନ ।

ଏତ, ବଜିରାଉତ, ବୀରସୁରେନ୍ଦ୍ର, ବିର୍ସା
ମୁଣ୍ଡାର ମାଟି
ଆହୁରି କେତେ ମହାନ ମନିଶି
ଦେଶ ପାଇଁ ହେଲେ ସହିଦି,
ଦେଶ ହିତେ ଆମେ ବିଜୟ ମଶାଲ
ଜାଳୁଥିବା ନୀତି ନୀତି।

ଫିରିଙ୍ଗି ଶାସନ ଗଲାଣି,
ଦେଶ ସ୍ୱାଧୀନ ଯେ ହେଲାଣି
ସ୍ୱାଧୀନ ଦେଶରେ ଦେଶ ଦେଶ ମଧ୍ୟେ
ବିଦ୍ରୋହର ବହ୍ନି ଜଳୁଛି
ପରମାଣୁ ବୋମା ଭୟରେ,
ଆଜି ସାରା ଦୁନିଅଟା ଥରୁଚି ।

ଯୁଦ୍ଧ ନୁହେଁ କେବେ ଶାନ୍ତିର ପ୍ରତୀକ
ବୋମା ବିସ୍ଫୋରଣ ଶକ୍ତି ପ୍ରଦର୍ଶନେ
ଖାଲି, ନିରୀହ ଜୀବନ ଯାଉଛି
ଖାଲି, ନିରୀହ ଜୀବନ ଯାଉଛି।

ଯୁଦ୍ଧ ନୁହେଁ କେବେ ସମାଧାନ ବାଟ
ଏହା ହିଂସା କୁ ପ୍ରଶୟ ଦେଇଛି
ଅଶୋକ ସମ୍ରାଟ, ଚଣ୍ଡାଶୋକ ରୁ
ଧର୍ମାଶୋକେ, ପରିବର୍ତ୍ତିତ ହୋଇଛି।

ଯୁଦ୍ଧ ପରିଣତି ବିଭୀଷିକା ରୂପ ନେଇଛି,
ମହାଭାରତରେ ପୁତ୍ରକୁ ନ ଚିହ୍ନି
ତା ପିଠିରେ ବସି ରକ୍ତ ନଦୀ ପରା ହୋଇଛି
ଦୁର୍ଯ୍ୟୋଧନ, ରକ୍ତ ନଦୀ ପାର ହୋଇଛି
ଯୁଦ୍ଧ ନୁହେଁ କେବେ ସମାଧାନ ବାଟ
ଏହା ବିଭୀଷିକା ରୂପ ନେଇଛି
ଏହା ବିଭୀଷିକା ରୂପ ନେଇଛି।


+ ଜଗତସିଂହପୁର
ମୋ: ୭୩୮୧୪୦୨୫୨୮


## ରଖିବା ଦେଶର ଟେକ...

### ରାମଚନ୍ଦ୍ର ବେହେରା

ଅଗଷ୍ଟ ପନ୍ଦର ଶୁଭ ଲଗନେ
ତ୍ରିରଂଗା ଉଡୁଛି ନୀଳ ଗଗନେ
ସେ ଆମ ମାନ ସମ୍ମାନ
ତା'ର ପାଦ ତଳେ ଜାତୀୟ ସଂଗୀତ
କରିବା ହରଷେ ଗାନ।

କେଶରୀ ଧବଳ ସବୁଜ ରଂଗେ
ଚକ୍ର ଶୋଭାପାଏ ଧବଳ ମଧ୍ୟେ
କି ସୁନ୍ଦର ତା'ର କାନ୍ତି
ହୋଇ ସ୍ୱାଭିମାନୀ ବାଣ୍ଟି ସ୍ନେହ ଶ୍ରଦ୍ଧା
ପରଶି ଦେଉଛି ଶାନ୍ତି।

କେଶରୀ ଦିଅଇ ସାହସ ତ୍ୟାଗ
ଧବଳ ବାଣ୍ଟଇ ଶାନ୍ତିର ଭାବ
ସବୁଜ ଭରେ ବିଶ୍ୱାସ
ଅଶୋକ ଚକ୍ରଟି ବିଶ୍ୱ ପ୍ରେମ ବାର୍ତ୍ତା
ଦେଉଛି ହୋଇ ହରଷ।

ଆସ ତ୍ରିରଂଗାର କରି ସମ୍ମାନ
ବୀର ସନ୍ତାନଂକୁ କରି ସ୍ମରଣ
ହାତରେ ହାତ ମିଳେଇ
ସ୍ୱାଧୀନ ମାଆର ଚରଣରେ ଆମେ
ତ୍ରିରଂଗା ଦେବା ଉଡାଇ।

ଜାତୀୟତା ଭାବ ହୃଦେ ପରଖି
ଦେଶ ଅଖଣ୍ଡତା ବଜାୟ ରଖି
ଭୁଲି ଅତୀତର ଦୁଃଖ
ସତ୍ୟ ନ୍ୟାୟ ଧର୍ମ ହୃଦୟେ ଆଦରି
ରଖିବା ଦେଶର ଟେକ।


+ତେନ୍ତୁଲିପଦା,ଜଗତସିଂହପୁର
ମୋ-୭୬୫୫୬୩୪୩୪୬


## ଫ୍ରିଡ଼ମ୍, ଫିନ୍‌ଡମ୍ ଓ ଫ୍ୟୁଡମ୍

### ଉମେଶ ଚନ୍ଦ୍ର ପାତ୍ର



ଆଜି ସଗର୍ବେ ଆନନ୍ଦ ଉଲ୍ଲାସ ଭିତରେ ଅନୁଷ୍ଠିତ ହେବାକୁ ଯାଉଛି ଭାରତର ୭୯ତମ ସ୍ୱାଧୀନତା ଦିବସ। ତେବେ ସ୍ୱାଧୀନତାର ଅର୍ଥ ନୁହେଁ, ଉପନିବେଶବାଦ ଶାସନର ଦାସତ୍ୱ ଶୃଙ୍ଖଳରୁ ମୁକ୍ତି ହେବାର ଏକ ଜାତୀୟ ପୁଲକ; ବରଂ ବ୍ୟକ୍ତି ଓ ସାମଗ୍ରିକ ବିକାଶର ଏହା ଅନ୍ୟତମ ବିଭବ ହେବା କଥା। ଯାହା ୭୮ ବର୍ଷ ପରେ ମଧ ଆମେ ସେହି ପ୍ରଗତି, ବିକାଶର ଦିଗ୍‌ବଳୟ ଛୁଇଁବାକୁ ସକ୍ଷମ ହୋଇପାରିନେ । ଏଥିପାଇଁ କେବଳ ଶାସନ, ପ୍ରଶାସନ କିମ୍ୱା ରାଜନେତାଙ୍କୁ ଦୋଷ ଦେଲେ ଆମେ ଭୁଲ କରିବା । ଅନ୍ୟ କାନ୍ଧରେ ସବୁ ଦାୟିତ୍ୱ ଥୋଇଦେଇ ସହଜ ସମାଲୋଚନା କରିବା ସବୁବେଳେ ଠିକ୍ ନୁହେଁ । ଅବଶ୍ୟ ଏହା ସତ ଯେ ଅତୀତରେ ଅତ୍ୟାଚାରୀ ରାଜା, ମହାରାଜା ଓ ପରେ ବ୍ରିଟିଶର ନିଷ୍ଠୁର ଶାସନରୁ ମୁକ୍ତ ହୋଇ ଆମକୁ ମିଳିଲା ସ୍ୱାଧୀନତା । ଗଣତନ୍ତ୍ର ଓ ସମାଜବାଦର ଶାସନ ପ୍ରତିଷ୍ଠା ହେଲା । ଆମେ ଆମ ଜନପ୍ରତିନିଧି ବାଛିଲେ । ସେମାନେ ସରକାର ଗଢ଼ିଲେ । କିନ୍ତୁ ସରକାର ଜନତାଙ୍କ ଉତ୍ତରଦାୟିତ୍ୱରୁ ଦୂରେଇ ଗଲା । କାହିଁକି ଏଭଳି ହେଲା ? କିଏ ଏଥିପାଇଁ ଦାୟୀ ତାହା ଆମେ କେବେ ଅନୁଶୀଳନ କରିଛେ କି ? ସାମୂହିକ ସ୍ୱାର୍ଥକୁ ଆମେ ବ୍ୟକ୍ତିସ୍ୱାର୍ଥ ପାଇଁ ବଳି ପକାଇ ଚାଲିଛେ । ଏହାହିଁ ଜାତୀୟ ଜୀବନକୁ କଳୁଷିତ କରିଛି, ସାମଗ୍ରିକ ସମୃଦ୍ଧି ଓ ବିକାଶର ପଥରୋଧ କରିଛି । 'ଗଣ' ଦୁର୍ବଳ ହେବା ଯୋଗୁଁ 'ତନ୍ତ୍ର' ବିପର୍ଯ୍ୟୟ ହୋଇପଡ଼ିଛି । ପରିସଂଖ୍ୟାନ୍‌ର ଭେଳିକିରେ ସଫଳତା ଆକଳନ ଚାଲିଛି । କିନ୍ତୁ ବାସ୍ତବତା ଠାରୁ ସଭିଏଁ ଦୂରେଇଛେ । ସତେଯେମିତି ସରକାରଙ୍କ ଠାରୁ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତେ ବାସ୍ତବତାକୁ ସାମ୍ନା କରିବାକୁ ଡରୁଛେ । ଆମ ଛାଇ ଏବେ ଆମକୁ ଡରାଇଲାଣି । କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, ବିଜ୍ଞାନ, ଶିଳ୍ପ, ପ୍ରତିରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଆମର ଗତି ଯେଭଳି ରହିବା କଥା ତାହା ହୋଇପାରିନି । ଭାରତ ଏକ କୃଷି ପ୍ରଧାନ ଦେଶ ଥିଲା । ଏବେ ଏଥିପ୍ରତି କାହାରି ଆଗ୍ରହ ନାହିଁ । ଭାଷଣ ଅଥବା ରଚନା ଭିତରେ ଏହା ସୀମିତ । କୃଷିପ୍ରତି ସରକାରୀ ପ୍ରୋତ୍ସାହନ କଥା ଛାଡ଼, ବ୍ୟକ୍ତିସ୍ତରରେ ମଧ ଆନ୍ତରିକତା ରହୁନି ।

ହିନ୍ଦୁ ମହାସଭାର ନେତା ବିଶିଷ୍ଟ ସାଂସଦ ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ଚାଟାର୍ଜୀଙ୍କ ସହିତ ଦେଶ ବିଭାଜନ ଓ ସ୍ୱାଧୀନତା ସମ୍ବନ୍ଧରେ କଥା ଉଠିବାରୁ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଶୁଣିଛି ଏକ ଶତ ବର୍ଷ ପୂର୍ବେ ବାଙ୍ଗଲାଦେଶରେ ହିନ୍ଦୁମାନଙ୍କ ସଂଖ୍ୟା ୬୦ ପ୍ରତିଶତ ଉପରେ ଥିଲା। ପରବର୍ତ୍ତୀ କାଳରେ ଆମ୍ଭମାନଙ୍କ ଦୂରଦର୍ଶିତା ଅଭାବରୁ ହିନ୍ଦୁମାନଙ୍କ ସଂଖ୍ୟା କମିଗଲା। ଆମ୍ଭମାନଙ୍କୁ ଏପରି ଭାବରେ ଚାଲିବାକୁ ହୁଏ ଯେ, କେହି ଅନ୍ୟ କାହା ଦ୍ୱାରା କ୍ଷତିଗ୍ରସ୍ତ ହୁଅନ୍ତି ନାହିଁ। ମୁସଲମାନ ଭାଇମାନଙ୍କ ସହିତ ଆମ୍ଭମାନଙ୍କର କୌଣସି ବିରୋଧ ନାହିଁ। ତେବେ ଦେଖିବାକୁ ହୁଏ ଯେ, ପ୍ରତ୍ୟେକ ସମ୍ପ୍ରଦାୟର ଶୁଭ ବୈଶିଷ୍ଟ୍ୟ ଓ ପାରସ୍ପରିକ ସଂପ୍ରୀତି ଅକ୍ଷୁର୍ଣ୍ଣ ରହେ। ଆମ୍ଭେମାନେ ଯଦି ନିଜକୁ କ୍ଷତିଗ୍ରସ୍ତ ହେବାକୁ ଅନୁମତି ଦେଉ ତାହା କିନ୍ତୁ ଅପରାଧ ହିସାବରେ ଗଣ୍ୟ ହେବ। ଅପରର ସତ୍ତାକୁ କ୍ଷୁର୍ଣ୍ଣ କରିବାର ଅଧିକାର ଆମ୍ଭମାନଙ୍କର ଯେଭଳି ନାହିଁ, ନିଜର ସତ୍ତାକୁ କ୍ଷୁର୍ଣ୍ଣ ହେବାକୁ ଦେବାର ଅଧିକାର ମଧ ସେହିଭଳି ଆମର ନାହିଁ। ସତ୍ତାପୋଷଣୀ ସାମଞ୍ଜସ୍ୟ ବଜାୟ ରଖି ଚଳିବା ହିଁ ଧର୍ମ। ଦେଶ ବିଭାଗ ଦ୍ୱାରା କାହାର ଭଲ ହୋଇନାହିଁ, ହିନ୍ଦୁ ଓ ମୁସଲମାନ ଉଭୟଙ୍କର କ୍ଷତି ହୋଇଛି। ଉଭୟଙ୍କର ସ୍ୱାର୍ଥ ଓ କଲ୍ୟାଣ ଅଚ୍ଛେଦ୍ୟ ଭାବରେ ଜଡ଼ିତ। ଅନ୍ତତଃ ବାଙ୍ଗଲାଦେଶ ଯେଭଳି ଦିଖଣ୍ଡିତ ନହୁଏ ସେଥିପାଇଁ ବହୁ ପୂର୍ବେ ମୁଁ ଶ୍ୟାମାପ୍ରସାଦ ବାବୁ (ମୁଖାର୍ଜୀ) ଓ ଆପଣଙ୍କୁ କହିଥିଲି - ବାହାରୁ ଅନ୍ତତଃ ୨୫ଲକ୍ଷ ପରିବାର ଆଣି ବଙ୍ଗଳାରେ ଜମି ଓ ଘର ତିଆରି କରି ସ୍ଥାୟୀ ଭାବରେ ବସବାସ କରିବା ପାଇଁ ଏବଂ ପରେ ନୂତନ ଭାବରେ ଜନଗଣନାର ବନ୍ଦୋବସ୍ତ କରିବା ପାଇଁ। ଏହା ଯଦି ସମୟମତ କରାଯାଇଥାନ୍ତା ତାହାହେଲେ ବାଙ୍ଗଲାଦେଶ ଭାଗ ହୋଇପାରନ୍ତା ନାହିଁ। ଦେଶ ବିଭାଜନ ଫଳରେ ହିନ୍ଦୁ ଓ ମୁସଲମାନ ଉଭୟଙ୍କର ଯେଉଁ ବିପର୍ଯ୍ୟୟ ହେଲା - ସେ ତୁଳନାରେ ୨୫ ଲକ୍ଷ ପରିବାର ବଙ୍ଗଳାରେ ଆସି ବସବାସ କରାଇବାର କଠିନ ଦାୟିତ୍ୱ ଗ୍ରହଣ କରିଥିଲେ ତାର ପରିଣାମ ସାମଗ୍ରିକ ଭାବରେ ସବୁ ସମ୍ପ୍ରଦାୟ ପକ୍ଷେ ଦୂର ଭବିଷ୍ୟତରେ ସୁଫଳ ଫଳିଥାଆନ୍ତା। ପ୍ରଥମେ ବାଙ୍ଗଲାଦେଶ ଓ ପରେ ପଞ୍ଜାବ ଓ ସିନ୍ଧୁ ପ୍ରଭୃତି ପ୍ରଦେଶରେ ଏହା କରାଯାଇ ପାରିଥାଆନ୍ତା। ଶୀଘ୍ର ଏହା କରାଯାଇପାରିଥିଲେ ଦେଶର କୌଣସି ଅଂଶ ଖଣ୍ଡିତ କରିବାର ପ୍ରୟୋଜନ ହୋଇନଥାନ୍ତା। ନିଜସ୍ୱ ପ୍ରଚେଷ୍ଟାରେ ସତ୍‌ସଙ୍ଗର ଗୁରୁଭ୍ରାତା ଓ ମାଆମାନେ ମୋର ପରାମର୍ଶକ୍ରମେ ଏହି ବିଶାଳ କର୍ମଯଜ୍ଞରେ ଭାଗ ନେଇଥିଲେ ମଧ ଫଳବତୀ ହୋଇପାରିନଥିଲେ। ଏହାଦ୍ୱାରା ଆକୁମାରୀ ହିମାଚଳ ସମଗ୍ର ଦେଶରେ ସବୁ ସମ୍ପ୍ରଦାୟ ଓ ସବୁ ଲୋକମାନେ ଉପକୃତ ହୋଇପାରିଥାନ୍ତେ। ଭାରାକ୍ରାନ୍ତ ଓ ଦୁଃଖ ବିଗଳିତ ହୃଦୟରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଦେଶ ବିଭାଜନ ଦ୍ୱାରା ଯେଉଁ ସ୍ୱାଧୀନତା (ଫ୍ରିଡମ୍) ଲାଭ ହେଲା ତାହାକୁ ସ୍ୱାଧୀନତା ନ କହି ଫିନ୍‌ଡମ୍ ବା ସଇତାନର ରାଜତ୍ୱ ବା ଫ୍ୟୁଡମ୍ ବା କତିପୟ ଲୋକଙ୍କ ଶାସନ ବୋଲି କୁହାଯାଇପାରେ। ଏହି ଦୁର୍ଦ୍ଦିନ ବା ସଇତାନର ରାଜତ୍ୱ ପାଇଁ ଆପଣ, ମୁଁ ଏବଂ ପ୍ରତ୍ୟେକ ହିଁ ଦାୟୀ। ସେଥିପାଇଁ ଦୃଢ଼ ପ୍ରତ୍ୟୟାତ୍ମକ ଚିତ୍ତରେ ପୁରୁଷୋତ୍ତମ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଦେଶ ବିଭାଜନର ବହୁ ପୂର୍ବରୁ କହିଛନ୍ତି - ତୁମେ ଠିକ୍ ଠିକ୍ ଜାଣିଥାଅ, ତୁମେ ତୁମର, ତୁମ ପରିବାରର, ଦେଶ ଓ ଦଶର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଦାୟୀ।


+ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ
ପ୍ରଫେସର, ହେପାଟୋଲୋଜି ବିଭାଗ,
କଟକ,
ମୋ : ୯୪୩୭୦୫୧୯୫୭

# ଭାରତ ଜାତୀୟ ପତାକା ଓ ତାର ଇତିହାସ

ଅମୂଲ୍ୟ କୁମାର ପଣ୍ଡା



ଭାରତର ଜାତୀୟ ପତାକା ସଂପୂର୍ଣ୍ଣ ଭାରତ ଦେଶକୁ ପ୍ରତିନିଧିତ୍ୱ କରୁଥିବା ଏକ ପତାକା ଅଟେ। ପତାକାଟି ଏକ ନିର୍ଦ୍ଦିଷ୍ଟ ଶୈଳୀରେ ନିର୍ମିତ, ଯାହାର ପ୍ରତିଟି ଅଂଶର ନିର୍ଦ୍ଦିଷ୍ଟ ଅର୍ଥ ରହିଛି। ଭାରତର ରାଷ୍ଟ୍ରୀୟ ଧ୍ୱଜା ଭାରତର ସ୍ୱତନ୍ତ୍ରତା ସଂଗ୍ରାମ ସମୟରେ ତିଆରି ହୋଇଥିଲା। ୧୮୫୭ରେ ସ୍ୱାଧୀନତା ପୂର୍ବରୁ ସଂଗ୍ରାମ ସମୟରେ ଭାରତର ରାଷ୍ଟ୍ରୀୟ ଧ୍ୱଜର ନିର୍ମାଣ କରିବାର ଯୋଜନା ମଧ ପ୍ରସ୍ତୁତ ହୋଇଥିଲା କିନ୍ତୁ ଆନ୍ଦୋଳନ ପାଇଁ ମଝିରେ ଅଟକିଯାଇଥିଲା । ଭାରତର ରାଷ୍ଟ୍ରୀୟ ଧ୍ୱଜ ଆଜି ଯେଉଁ ରୂପରେ ଅଛି, ବର୍ତ୍ତମାନର ରୂପକୁ ପହଂଚିବା ପାଇଁ ଅନେକ ଚରଣ ଦେଇ ଆସିଛି। ଭରତର ଜାତୀୟ ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ପିଙ୍ଗଳି ଭେଙ୍କୟାଙ୍କଦ୍ୱାରା ପ୍ରସ୍ତୁତ ହୋଇଥିଲା। ଲାଲ କିଲ୍ଲା ଦିଲ୍ଲୀ ଠାରେ ଭାରତୀୟ ପତାକା ୨୬ ଜାନୁୟାରୀ ୨୦୦୨ରେ ଜାତୀୟ ପତାକା କୋଡରେ ସଂଶୋଧନ କରାଯାଇଥିଲା। ଜଣେ ନାଗରିକ ବା ଯେକୌଣସି ସରକାରୀ ଓ ବେସରକାରୀ ଅନୁଷ୍ଠାନ ଜାତୀୟ ପତାକା ଉଡ଼ାଇ ପାରିବେ ବୋଲି ଆଇନ୍ ପ୍ରଣୟନ ହେଲା। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଯେକୌଣସି ଦିନ ପତାକା ଉତ୍ତୋଳନ କରିପାରିବେ । ପତାକାର ଗରିମା ଯେପରି କ୍ଷୁଣ୍ଣ ନହୁଏ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ବିଦେଶୀ ନାଗରିକମାନେ ମଧ ଭାରତ ମଧରେ ପତାକା ଉତ୍ତୋଳନ କରିପାରିବେ । ସେମାନଙ୍କ ଘର ବା କାର୍ଯ୍ୟାଳୟ ଉପରେ ପତାକା ଲଗାଇ ପାରିବେ । କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପୃଥକ୍ ଭାବେ ଜାତୀୟ ପତାକା ବ୍ୟବହାର କରିପାରିବେ ନାହିଁ । ଏହା ବ୍ୟତୀତ ଜାତୀୟ ପତାକାରେ କୌଣସି ପୋଷାକ କିମ୍ବା ଅନ୍ୟ ବ୍ୟବହୃତ ପରିଧାନ ସାମଗ୍ରୀରେ ପ୍ରସ୍ତୁତ କରିବା ଉଚିତ୍ ନୁହେଁ । ପାଗ ଯେପରି ହେଉ ନା କାହିକି ସୂର୍ଯ୍ୟୋଦୟ ପରଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଜାତୀୟ ପତାକା ଉଡ଼ାଇବା ବିଧି ରହିଛି। ପତାକାକୁ ଭୂମିରେ ଛୁଆଁଇବା କିମ୍ବା ପାଣିରେ ବୁଡ଼ାଇବା ବେଆଇନ । କୌଣସି ଗାଡି, ଟ୍ରେନ୍, ପାଣି ଜାହାଜ ଓ ଉଡ଼ାଜାହାଜରେ ଜାତୀୟ ପତାକା ଲଗାଇବା ଉଚିତ୍ ନୁହେଁ । ପତାକାଠାରୁ ଉଚ୍ଚରେ ଅନ୍ୟ କୌଣସି ଜିନିଷ ରଖିବା ବେଆଇନ । ଖଦି କିମ୍ବା ହସ୍ତତନ୍ତରେ ଜାତୀୟ ପତାକା ତିଆରି ହେବା ଆବଶ୍ୟକ । ଅନ୍ୟ କୌଣସି ସାମଗ୍ରୀରେ ପତାକା ପ୍ରସ୍ତୁତ କରିବା ବେଆଇନ। ଏହିପରି ଭାରତର ଜାତୀୟ ପତକାର ରୂପ, ରଙ୍ଗ, ନିୟମ, ବିଧି ଓ ଆଇନ୍ ଶୃଙ୍ଖଳାର ବ୍ୟବସ୍ଥା କରାଗଲା।

୧୯୪୭ ମସିହା ନଭେମ୍ବର ୨୧ ତାରିଖରେ ଲୋକାର୍ପିତ ସ୍ୱାଧୀନ ଭାରତର ପ୍ରଥମ ଷ୍ଟାମ୍ପରୂପେ ଭାରତୀୟ ଜାତୀୟ ପତାକା ଭାରତୀୟ ସ୍ୱାଧୀନତା କ୍ରାନ୍ତି ସମୟ ମଧରେ ଭାରତୀୟ ପତାକାର ନକ୍ସା ବହୁତ ପରିବର୍ତ୍ତନ ଦେଇ ଗତି କରିଥିଲା। ୧୮୫୭ ମସିହା ବିଦ୍ରୋହ ସମୟରେ ପ୍ରଥମେ ଜଣେ ଇଂରେଜ ଶାସକଙ୍କଦ୍ୱାରା ଭାରତର ଏକକୀୟ ପତାକା ନିର୍ମାଣର ପ୍ରସ୍ତାବ ଆସିଥିଲା। ଅତୀତରେ ବହୁ ପରିବର୍ତ୍ତନ ଘଟିବା ପରେ ଶେଷରେ ସ୍ୱାଧୀନ ଭାରତର ଜାତୀୟ ପତାକା ଭାବେ ତ୍ରିରଙ୍ଗାକୁ ଗ୍ରହଣ କରାଯାଇଛି ।ପ୍ରଥମ ଭାରତ ଜାତୀୟ ପତାକା ୧୯୦୪ରେ ସ୍ୱାମୀ ବିବେକାନନ୍ଦଙ୍କ ଶିଷ୍ୟ ଭଗିନୀ ନିବେଦିତା ଦ୍ୱାରା ପ୍ରସ୍ତୁତ ହୋଇଥିଲା । ୭ ଅଗଷ୍ଟ ୧୯୦୬ରେ ପାରସୀ ବାଗାନ ଛକ ତଥା ଗ୍ରୀନ ପାର୍କ କଲିକତାରେ ଏହାକୁ କଂଗ୍ରେସ ଅଧିବେଶନରେ ଉତ୍ତୋଳନ କରାଯାଇଥିଲା। ଏହି ଧ୍ୱଜାକୁ ନାଲି, ହଳଦିଆ ଓ ସବୁଜ ରଙ୍ଗର ସମସ୍ତରୀୟ ପଟ୍ଟି ରେ ତିଆରି କରାଯାଇଥିଲା । ଉପର ସ୍ତରରେ ସବୁଜ ପଟ୍ଟିରେ ୮ଟି ପଦ୍ମ ଥିଲା ଓ ନିମ୍ନ ସ୍ତରରେ ନାଲି ପଟ୍ଟିରେ ସୂର୍ଯ୍ୟ ଓ ଚନ୍ଦ୍ର ଅଙ୍କିତ କରାଯାଇଥିଲା । ମଧଭାଗର ହଳଦିଆ ପଟ୍ଟିରେ ବନ୍ଦେ ମାତରମ୍ ଲେଖାଯାଇଥିଲା। ଦ୍ୱିତୀୟ ଜାତୀୟ ପତାକା ଜର୍ମାନୀର ଷ୍ଟୁଟଗାର୍ଟ ସହରରେ ୧୯୦୭ ମସିହା ଅଗଷ୍ଟ ୨୨ ରେ ଦ୍ୱିତୀୟ ଧ୍ୱଜାକୁ ପ୍ୟାରିସରେ ମେଡମ କାମା ଓ ତାଙ୍କ ସହ ନିର୍ବାସିତ କରାଯାଇଥିବା କିଛି କ୍ରାନ୍ତିକାରୀଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିଲା । ଏହି ଧ୍ୱଜା ପ୍ରଥମ ଧ୍ୱଜା ଭଳି ହିଁ ଥିଲା। ଏହାକୁ ସେତେବେଳେ ସପ୍ତର୍ଷି ପତାକା କୁହାଯାଉଥିଲା । ୧୯୦୬ ପତାକାଠାରୁ ଏହା ଦେଖିବାକୁ ଟିକେ ଭିନ୍ନ ଥିଲା। ଏହି ପତାକାର ଉପରେ ପଦ୍ମ ଚିହ୍ନ ଓ ସପ୍ତର୍ଷିଙ୍କୁ ଦର୍ଶାଉ ଥିବା ୭ଟି ତାରା ଥିଲା । ତୃତୀୟ ଜାତୀୟ ପତାକା ୧୯୧୭ରେ ଭାରତୀୟ ରାଜନୈତିକ ସଂଘର୍ଷ ଏକ ନିଶ୍ଚିତ ଦିଗ ନେଲା ତଥା ଡା. ଆନିବେଶାନ୍ତ ଓ ଲୋକମାନ୍ୟ ତିଳକ ଘରୋଇ ଶାସନ ଆନ୍ଦୋଳନ ସମୟରେ ଉତ୍ତୋଳନ କରିଥିଲେ । ଏହି ଧ୍ୱଜାରେ ୫ଟି ନାଲି ଓ ୪ଟି ସବୁଜ ସମସ୍ତରୀୟ ପଟ୍ଟି ଗୋଟିଏ ପରେ ଗୋଟିଏ ଏବଂ ସପ୍ତଋଷିର ଅଭିବିନ୍ୟାସରେ ଏହା ଉପରେ ୭ଟି ତାରା ରହି ଥିଲା । ଉପର ତଟରେ ବାମ ପଟେ ୟୁନିୟନ ଜ୍ୟାକ ଥିଲା ଓ ଗୋଟିଏ କୋଣରେ ଧଳା ଅର୍ଦ୍ଧଚନ୍ଦ୍ର ଓ ତାରା ମଧ ଥିଲା। ୧୯୨୧ ମସିହାରେ ଆନ୍ଧ୍ର ପ୍ରଦେଶର ବିଜୟୱାଡାରେ ଜାତୀୟ କଂଗ୍ରେସ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ପିଙ୍ଗଳି ଭେଙ୍କୟା ନାମକ ଆନ୍ଧ୍ର ପ୍ରଦେଶର ଜଣେ ଯୁବକ ଭାରତୀୟ ଜାତୀୟ ପତାକାର ଏକ ଡିଜାଇନ ପ୍ରସ୍ତୁତ କରି ମହାତ୍ମା ଗାନ୍ଧୀଙ୍କୁ ପ୍ରଦାନ କରିଥିଲେ । ଏହି ପତାକାରେ ଲାଲ ଓ ସବୁଜ ଏହିପରି ୨ଟି ରଙ୍ଗ ଥିଲା । ଏହି ଦୁଇ ରଙ୍ଗ ହିନ୍ଦୁ ଓ ମୁସଲମାନ୍ ଦୁଇ ପ୍ରମୁଖ ଧର୍ମର ପ୍ରତୀକ ଥିଲା । ତେବେ ଏହି ଦୁଇ ସମ୍ପ୍ରଦାୟକୁ ଛାଡି ଅନ୍ୟ ଧର୍ମାବଲମ୍ବିଙ୍କ ପାଇଁ ମଝିରେ ଧଳା ରଙ୍ଗ ଦେବାକୁ ଗାନ୍ଧିଜୀ ପ୍ରସ୍ତାବ ଦେଇଥିଲେ । ୧୯୩୧ରେ କେଶରୀ, ଧଳା ଓ ସବୁଜ ରଙ୍ଗରେ ଜାତୀୟ ପତାକା ତିଆରି କରାଯାଇଥିଲା । ପତାକାର ମଝିରେ ଅରଟ ଚିହ୍ନ ଥିଲା । ତେବେ ଏହି ପତାକାର ପରିବର୍ତ୍ତନ କରାଯାଇଥିଲା । ଶେଷରେ ପତାକାର ଶୀର୍ଷ ଭାଗରେ କେଶରୀ, ମଝିରେ ଧଳା ଓ ନିମ୍ନ ଭାଗ ଘନ ସବୁଜ ରଙ୍ଗ ଓ ସମସ୍ତ ରଙ୍ଗ ସମାନ ପ୍ରକାକାର ଆୟତନରେ ସଜ୍ଜିତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ପତାକାର ମଝିରେ ୨୪ଟି ଅର ବିଶିଷ୍ଟ ନୀଳ ରଙ୍ଗର ଚକ୍ର ରହିବା ଆବଶ୍ୟକ । ଏହି ଆକୃତିର ପତାକାକୁ ୨୨ ଜୁଲାଇ ୧୯୪୭ରେ ସାମ୍ବିଧାନିକ କମିଟି ଗ୍ରହଣ କରି ନେଇଥିଲା । ସେହିଦିନ ଠାରୁ ଭାରତର ଜାତୀୟ ପତାକାକୁ ତ୍ରିରଙ୍ଗା କୁହାଯାଉଛି । ପତାକାର ଉପରେ ନାରଙ୍ଗୀ, ମଝିରେ ଧଳା ଓ ତଳେ ସବୁଜ ରହିଛି । ମଝିରେ ଥିବା ଧଳା ରଙ୍ଗ ଉପରେ ୨୪ ଅଖ ଥିବା ଅଶୋକ ଚକ୍ର ମଧ ରହିଛି । ପତାକାର ଉପରେ ଥିବା କେଶରୀ ରଙ୍ଗ ଦେଶବାସୀଙ୍କ ସାହସ ଓ ବୀରତ୍ୱକୁ ସୂଚାଇ ଥାଏ । ସେହିରି ମଝିରେ ଥିବା ଧଳା ରଙ୍ଗ ସତ୍ୟ ଓ ଶାନ୍ତିର ପ୍ରତୀକ ଏବଂ ନିମ୍ନରେ ଥିବା ଘନ ସବୁଜ ରଙ୍ଗ ଭ୍ରାତୃତ୍ୱର ପ୍ରତୀକ ବହନ କରେ । ମଝିରେ ଥିବା ଅଶୋକ ଚକ୍ର ଦେଶର ପ୍ରଗତିକୁ ସୂଚାଇ ଥାଏ । ପତାକାର ମଝିରେ ଶୋଭା ପାଉଥିବା ଅଶୋକ ଚକ୍ର ବା ଧର୍ମ ଚକ୍ର ଦେଶ ପ୍ରଗତିର ପ୍ରତୀକ । ଏଥିରୁ ନାଗରିକଙ୍କୁ ଦେଶ ଭକ୍ତିର ପ୍ରେରଣା ମିଳିଥାଏ। ମୌର୍ଯ୍ୟ ସମ୍ରାଟ ଅଶୋକ ସାରନାଥଠାରେ ଏକ ସିଂହ ସହ ଏହି ଚକ୍ରର ନିର୍ମାଣ କରିଥିଲେ । ଏହାର ସବୁ ରଙ୍ଗ ମହାନତାର ପ୍ରତିକ ଅଛି ।

+ ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ସ୍ୱାଧୀନ ଭାରତବର୍ଷ ଏବଂ ୧୫ ଅଗଷ୍ଟ

ଗୋପାଳ ମହାପାତ୍ର




ପ୍ରତିବର୍ଷ ଯେତେବେଳେ ଅଗଷ୍ଟ ୧୫ ଆସେ ପୁରାଦେଶ ଗର୍ବ ଏବଂ ଦେଶଭକ୍ତିର ଭାବନାରେ ଭରିଯାଏ। ଏହି ଦିନଟି ଭାରତର ଇତିହାସର ସବୁଠାରୁ ସ୍ୱର୍ଣ୍ଣିମ ଦିନ କାରଣ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଆମ ଦେଶ ଭାରତ ବର୍ଷ ପରାଧିନତାର ବେଡ଼ିରୁ ମୁକ୍ତି ପାଇ ସ୍ୱାଧିନ ହୋଇଥିଲା। ଏହି ଦିନ କେବଳ ଏକ ତାରିଖ ନୁହେଁ, ଏହା ବଳିଦାନ, ସଂଘର୍ଷ ଏବଂ ଦେଶ ପ୍ରେମକୁ ମନେ ପକାଇବା ଦିନ ଅଟେ। ପାଖାପାଖି ୨୦୦ବର୍ଷ ଭାରତବର୍ଷ ପରାଧିନ ଥିଲା ଓ ଇଂରେଜ ମାନେ ଆମ ଦେଶରେ ଶାସନ କରୁଥିଲେ। ଇଂରେଜ ମାନେ ଆମ ଦେଶର ଲୋକଙ୍କ ଉପରେ ଅନେକ ଅତ୍ୟାଚାର କରୁଥିଲେ ଆମ ସଂସାଧନକୁ ଲୁଟ କରିଥିଲେ, ଏପରିକି ଆମ ଦେଶରେ ଆମକୁ ଅସହାୟ ଓ ଦୁର୍ବଳ କରିଦେଇଥିଲେ। ସେ ସମୟରେ ଭାରତବର୍ଷର ଲୋକଙ୍କ ପାଖରେ ନା କହିବାର ସ୍ୱାଧିନତା ଥିଲା ନା ନିଜର ହକ୍ ପାଇଁ ଲଢ଼ିବାର ସ୍ୱାଧିନତା ଥିଲା। ଇଂରେଜ ମାନଙ୍କୁ ଭାରତରୁ ବିତାଡିତ କରିବାପାଇଁ ଅନେକ ଛୋଟବଡ଼ ଆନ୍ଦୋଳନ ମଧ ହୋଇଥିଲା କିନ୍ତୁ ୧୮୫୭ରେ ସ୍ୱାଧିନତା ସଂଗ୍ରାମ ପ୍ରଥମ ବଡ ପ୍ରୟାସଥିଲା। ଏହି ୧୮୫୭ର ସଂଗ୍ରାମରେ ରାଣୀ ଲକ୍ଷ୍ମୀବାଈ, ତାନ୍ତିଆ ଟୋପେ, ନାନା ସାହେବଙ୍କ ଭଳି ଅନେକ ବୀର ଭାଗ ନେଇଥିଲେ। ୧୮୫୭ର ଆନ୍ଦୋଳନ ଫେଲ ମାରିଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଅନେକ ଆନ୍ଦୋଳନ ସ୍ୱାଧିନତାର ଜ୍ୱାଳାକୁ ଅଧିକ ଭାବେ ପ୍ରଜ୍ୱଳିତ କରିଥିଲା। ଭାରତର ସ୍ୱାଧିନତା ସହନ ନଥିଲା କି ସହଜରେ ସ୍ୱାଧିନତା ମିଳିନାହିଁ।

ଦେଶର ସ୍ୱାଧିନତା ପାଇଁ ସଂଗ୍ରାମରେ ହଜାର ହଜାର ସ୍ୱାଧିନତା ସଂଗ୍ରାମୀ ଜେଲ ଯାଇଛନ୍ତି, ଯାତନା ସହିଛନ୍ତି ଏପରିକି ଅନେକେ ସେମାନଙ୍କ ଜୀବନକୁ ବଳିଦାନ ଦେଇଛନ୍ତି। ୧୯୧୫ ମସିହା ଜାନୁୟାରୀ ମାସରେ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସହ ଯୋଗ ଦେଇଥିଲେ ଓ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱାଧିନତା ସଂଗ୍ରାମର ମୁଖ୍ୟ କର୍ଣ୍ଣଧାର ସାଜିଥିଲେ। ଗାନ୍ଧୀ ସତ୍ୟ ଓ ଅହିଁସା ମାର୍ଗକୁ ଆପଣେଇ ଦେଶକୁ ଏକଜୁଟ କରିଥିଲେ। ଭଗତ ସିଂହ, ରାଜଗୁରୁ ଏବଂ ସୁଖଦେବ ଦେଶର ସ୍ୱାଧିନତା ପାଇଁ ଲଢ଼େଇ କରି ହସି ହସି ଫାଶୀ ଖୁଣ୍ଟରେ ଝୁଲିଥିଲେ। ନେତାଜୀ ସୁବାସ ଚନ୍ଦ୍ର ବୋଷ ଆଜାଦ୍ ହିନ୍ଦ ଫୌଜ ଗଠନ କରି ଇଂରେଜ ମାନଙ୍କ ସହ ସଶସ୍ତ୍ର ଲଢ଼େଇ କରିଥିଲେ। ପଣ୍ଡିତ ଜବାହାରଲାଲ ନେହେରୁ ସର୍ଦାର ବଲ୍ଲଭଭାଇ ପଟେଲ, ବାଳ ଗଙ୍ଗାଧର ତିଳକ, ଲାଲା ଲଜପତରାୟ, ମୌଲାନା ଆବୁଲ କଲାମ ଆଜାଦଙ୍କ ଭଳି ଅନେକ ନେତା ସ୍ୱାଧିନତା ସଂଗ୍ରାମରେ ସାମିଲ ହୋଇଥିଲେ ଓ ଭାରତୀୟ ଲୋକଙ୍କୁ ଦିଗ୍ ଦର୍ଶନ ଦେଇଥିଲେ। ଏମାନଙ୍କ ପ୍ରୟାସ ଏବଂ ତ୍ୟାଗ କାରଣରୁ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧିନ ହେଲା। ୧୫ ଅଗଷ୍ଟ ଭାରତର ସ୍ୱାଧିନତା ଦିବସ ସେଇ ଅଗଣିତ ସ୍ୱାଧିନତା ସଂଗ୍ରାମୀ ଯେଉଁମାନେ ସ୍ୱାଧିନତା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଦେଇଥିଲେ ସେଇ ମାନଙ୍କ ପ୍ରେରଣାତ୍ମକ କାହାଣୀର ପ୍ରତୀକ ଅଟେ।

ମହାତ୍ମା ଗାନ୍ଧୀ ଅହିଁସା ଏବଂ ସତ୍ୟାଗ୍ରହ ସିଦ୍ଧାନ୍ତ ମାଧମରେ ବ୍ରିଟିଶ(ଇଂରେଜ) ଶଶସନ ବିରୁଦ୍ଧରେ ଆନ୍ଦୋଳନ ଚଳାଇଥିଲେ। ଭାରତର ସ୍ୱାଧିନତା ଗାନ୍ଧୀଙ୍କ ଦୃଢ଼ ବିଶ୍ୱାସ ଏବଂ ନେତୃତ୍ୱର ପରିଣାମ ଥିଲା। ୧୯୩୦ର ଦାଣ୍ଡି ମାର୍ଚ୍ଚ ଏକ ଏଭଳି ପ୍ରେରଣାଦାୟୀ ପ୍ରସଙ୍ଗ ଥିଲା ଯାହା କେବଳ ଯେ ଭାରତୀୟ ମାନଙ୍କୁ ଏକଜୁଟ କରି ପାରିଥିଲା ତାହା ନୁହେଁ ବରଂ ବିଶ୍ୱକୁ ଅହିଁସାର ଶକ୍ତି ବାବଦରେ ସୂଚାଇ ଦେଇଥିଲା। ଦାଣ୍ଡି ମାର୍ଚ୍ଚରେ ଗାନ୍ଧୀ ୨୪ ଦିନରେ ୩୦୦ କିଲୋମିଟିର ଯାତ୍ରା କରିବା ସହ ସମୁଦ୍ର ତଟରେ ଲୁଣା ମାରି ବ୍ରିଟିଶ ଲୁଣ ଆଇନର ଉଲଂଘନ କରିଥିଲେ। ଗାନ୍ଧୀଙ୍କ ଏହି ପଦକ୍ଷେପ ସ୍ୱାଧିନତା ସଂଗ୍ରାମ ପାଇଁ ଏକ ବଡ ଉଦାହରଣ ପାଲଟିଥିଲା। ୨୩ ବର୍ଷୟ ଯୁବ କ୍ରାନ୍ତିକାରୀ ଭଗତ ସିଂହ ସ୍ୱାଧିନତା ପାଇଁ ପ୍ରାଣବଳି ଦେଇଥିଲେ। ୧୯୨୯ରେ ଭଗତ ସିଂହ ଦିଲ୍ଲୀର ସେଣ୍ଟ୍ରାଲ ଆସେମ୍ଲିରେ ବୋମା ପକାଇଥିଲେ। ତାଙ୍କର ଉଦେଶ୍ୟ କାହାରିକୁ ମାରିବା ନଥିଲା ବରଂ ଭାରତୀୟଙ୍କ ଦାବି ପ୍ରତି ବ୍ରିଟିଶ ସରକାରଙ୍କ ଧ୍ୟାନ ଆକର୍ଷଣ କରିବା ଥିଲା ମୁଖ୍ୟ ଲକ୍ଷ୍ୟ। ତାଙ୍କ ସ୍ଲୋଗାନ "ଇନ୍ ?କିଲାବ ଜିନ୍ଦବାଦ" ଲକ୍ଷ ଲକ୍ଷ ଭାରତୀୟ ଯୁବକଙ୍କୁ ପ୍ରେରଣା ଯୋଗାଇଥିଲା। ୧୯୪୭ ମସିହା ଅଗଷ୍ଟ ୧୫ରେ ଦେଶ ସ୍ୱାଧିନ ହେବା ବେଳକୁ ସେ ଜୀବିତ ନଥିଲେ କିନ୍ତୁ ତାଙ୍କ ବଳିଦାନ ସ୍ୱାଧିନତା ସଂଗ୍ରାମର ମୂଳଦୁଆକୁ ଅଧିକ ସୁଦୃଢ଼ କରି ଦେଇଥିଲେ। ୧୮୫୭ର ପ୍ରଥମ ସ୍ୱାଧିନତା ସଂଗ୍ରାମର ନାୟିକା ଝାନସୀର ରାଣୀ ଲକ୍ଷ୍ମୀବାଇ ବ୍ରିଟିଶ ଶାସନ ବିରୁଦ୍ଧରେ ଖଣ୍ଡା ଉଠାଇଥିଲେ। ଅଭୁତପୁର୍ବ ସାହାସ ଦେଖାଇଥିବା ଏହି ବୀରଙ୍ଗନା ନାରୀ ଶକ୍ତିର ପ୍ରତୀକ ଥିଲେ।

"ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧିନତା ଦେବି" ଥିଲା ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଆହ୍ୱାନ। ଏହି ଆହ୍ୱାନ ଭାରତୀୟ ମାନଙ୍କ ମନରେ ଏକ ଗୁଞ୍ଜରଣ ସୃଷ୍ଟି କରିଥିଲା। ୧୯୪୩ରେ ନେତାଜୀ ସିଙ୍ଗାପୁର ଠାରେ ଆଜାଦ ହିନ୍ଦ ସରକାର ଗଠନ କରିଥିଲେ ଏବଂ "ଦିଲ୍ଲୀ ଚଲୋ" ଡାକରା ଦେଇଥିଲେ। ଦେଶର ସ୍ୱାଧିନତା ପାଇଁ ନେତାଜୀଙ୍କର ଏହି ଲଢ଼େଇର ଗୁରୁତ୍ୱ ମଧ ଅଧିକ ରହିଛି। ଗୋଟିଏ ପଟେ ଗାନ୍ଧୀଙ୍କ ସତ୍ୟ ଅହିଁସା ଓ ଅନ୍ୟପଟେ ନେତାଜୀଙ୍କ ସଶସ୍ତ୍ର ଧମକ ଇଂରେଜ ମାନଙ୍କୁ ଭାରତ ଛାଡି ଚାଲିଯିବା ପାଇଁ ବାଧ କରିଥିଲା। ୧୫ ଅଗଷ୍ଟର କାହାଣୀ କେବଳ ବଡ ବଡ ନେତାଙ୍କର ନୁହେଁ, ବରଂ ସେଇ ଲକ୍ଷ ଲକ୍ଷ ଭାରତୀୟଙ୍କର କାହାଣୀ ଯେଉଁମାନେ ସ୍ୱାଧିନତା ସଂଗ୍ରାମରେ ଯୋଗ ଦେଇଥିଲେ। ସମସ୍ତଙ୍କ ପ୍ରଚେଷ୍ଟା ପାଇଁ ଭାରତ ସ୍ୱାଧିନ ହୋଇଥିଲା। ୨୦୦ ବର୍ଷର ବ୍ରିଟିଶଙ୍କ ଶାସନରୁ ଭାରତବର୍ଷକୁ ମୁକ୍ତି ମିଳିଥିଲା। ଏହି ଦିନ ପଣ୍ଡିତ ଜବାହାରଲାଲ ନେହେରୁ ଦିଲ୍ଲୀର ଲାଲ କିଲ୍ଲାରେ ଭାରତର ଜାତୀୟ ପତାକା ତ୍ରୀରଙ୍ଗା ଉତ୍ତୋଳନ କରିଥିଲେ ଓ ତାଙ୍କ ପ୍ରସିଦ୍ଧ ଭାଷଣ "ଟ୍ରିଷ୍ଟ ଅଫ ଡ଼େଷ୍ଟିନି" ଦେଇ ସ୍ୱାଧିନ ଭାରତର ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ।

+ ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

## ଆମ ଦେଶ

ସୁଲକ୍ଷଣୀ ସାହୁ

କାରଣେ ଅକାରଣେ ମନକୋହ
ଲୁହ ହୋଇ କେବେ ଝରିପଡଇ,
ପାରିବାପଣକୁ ହୃଦେ ବହି ପୁନଃ
ଆକୁଣ୍ଠ ଚିତ୍ତ ଆମ
ଉଧେଇବାକୁ ଯାଅଇ ମାଡ଼ି।

ତିଳେହେଁ ନଥାଏ କଟମଟିଆ
ଅଙ୍କ ବା ଗାଳିମନ୍ଦ
ମନ ଉନ୍ମୁକ୍ତ, ଆମ ପରିସର ବ୍ୟାପ୍ତ,
ଜୀବନ ପ୍ରବାହ ଆମ ଆପଣା ହାତେ
ଖୋଦ୍ ମାଲିକ ଆମେ ନୋହୁଁ
କଣେ କବଳିତ।

ମନ ତଳର ସପନ ଯହୁଁ ଥିରିଥିରି
ଡେଣା ବିସ୍ତାରି ଉଙ୍କିମାରଇ,
ତହୁଁ ଆଶା ଆକାଂକ୍ଷା ସବୁ ଓଠଧାରେ
ହସ ହୋଇ ଉକୁଟଇ।

ନଥାଏ ଏଥି ସଙ୍କୋଚ କି ଜବରାଣ
ନିଜ ଭାବ ଅଭାବରେ ଫୁଟିଉଠେ
ଲକ୍ଷେ ସପନ,
ସୁଖେ ଦୁଃଖେ ଅନାୟାସେ
ମିଳଇ ସହଯୋଗୀତା ଓ ସହାବସ୍ଥାନ।

ବନ ପାହାଡ଼ଘେରା ବହଳ ବହଳ ସବୁଜା,
ନଈତୁଠ, ଆଖଡ଼ା, ମଠ, ଭାଗବତ ଘର,
ଚାଳଛପର ଫାଙ୍କେ
ଆସନ୍ତାକାଲିର ଉଦିଆ ଜହ୍ନ
ତହୁଁ ବନ୍ଧା କୋଟି ପରାଣ
ତେଲ ଲୁଣ ଗୁଜୁରାଣର।

ଉଚ୍ଚ ଉଚ୍ଚ ଅଟ୍ଟାଳିକା ଗାଡ଼ି ମଟର
ଶିଳ୍ପ ସମୃଦ୍ଧ ଆଧୁନିକତାର ଦେଖାଣିଆପଣ,
ସ୍ୱାର୍ଥଲେସା ମୋହ ତହୁଁ
ଆକାଶକୁ ଚିରି ଆଗେଇବା ଉନ୍ମାଦନା।

ସାଂଗ ସାଥି ଆତ୍ମୀୟଙ୍କ ଗହଳେ
ଏଇ ଅଭୟ ପ୍ରଦାୟୀ ମାଟି ପାଣି ପବନେ,
ସାମାଜିକ ସ୍ନେହ ଭାବ ବନ୍ଧନେ
ନିମଗ୍ନ ଆମେ ବାରମାସେ ତେର ପରବୋ।

ନଥାଏ ଡର ଅବା କାତର
ନିୟମିତ ଶୃଙ୍ଖଳିତ ଜୀବନର ଗତିପଥ,
ସୁନୀଳ ଆକାଶେ ଉର୍ଦ୍ଧମୁହାଁ
ଚଢ଼େଇର କାକଳି ଧ୍ୱନିତ
ଶସ୍ୟଶ୍ୟାମଳାପୂର୍ଣ୍ଣ ଧରା ଉଲ୍ଲସିତ।

ନୀଳ ନୀଳ ସମ୍ମୋହନର ଆସ୍ତରଣ ବିଛାଇ
ଆଶ୍ୱସ୍ତ ଆଶିଷ ଢାଳୁଥାଏ ଅନବରତ
ମୁଣ୍ଡ ଉପରେ ବାହୁ ପ୍ରସାରି,
ପାଦ ତଳେ ବିସ୍ତାରଣର
ପଣତ ଯେ ମମତାମୟୀ
କୋଟି ପ୍ରାଣୀଙ୍କ ସ୍ନାୟୁରେ
ଜୀବନାମୃତ ଦେଉଥାଏ ବୁହାଇ।

+ସହକାରୀ ଶିକ୍ଷୟିତ୍ରୀ
ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ,
ଖରିଆର ରୋଡ, ନୂଆପଡା
ମୋ :୯୯୩୭୮୯୨୦୨୯

## ଦେଶପ୍ରେମ

ବେଣୁଧର ସୂତାର

ନୀଳ ଆକାଶର ନୀଳ ବୁକୁ ଚିରି
ଏଇଯେ ଆସିଛି ନୂଆ ସକାଳ
ବୁକୁତଳେ ଖେଳେ ପ୍ରୀତିର ପୁଲକ
ସ୍ୱାଗତ ପାଇଁ ସେ ଅମୃତ ବେଳ
ଆବେଗଭରା ଏ ମଧୁ ଲଗନ
ଦେଶପ୍ରେମ ସୁରେ ଭିଜାମାଟିପରେ
ଉଡ଼ାଇବା ମୁକ୍ତି କୀର୍ତ୍ତି କେତନ ।

ଏ ପୁଣ୍ୟ ମାଟିର ପ୍ରତିଟି ରେଣୁରେ
ଭରିଅଛି ଭାବ ପ୍ରୀତି ମମତା
ସ୍ୱାଧୀନ ଚେତନା ଅମୃତ ଭାବନା
ସାର୍ବଭୌମତାର ସାମ୍ୟ ସମତା
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ
ମହାଭାରତୀୟ ଭାବ ଚେତନାରେ
ଦେଶପ୍ରେମ ସ୍ୱପ୍ନ ଭରେ ଅନ୍ତର ।

ଧର୍ମ ନିରପେକ୍ଷ ଦେଶ ମୋ ଭାରତ
ଜାତିୟତା ଆମ ଗର୍ବ ଗୌରବ
ବିବିଧତା ମଧ୍ୟେ ଏକତାର ମନ୍ତ୍ର
ଦେଶପ୍ରେମର ଏ ଶ୍ରେଷ୍ଠ ବୈଭବ
ଜାତି ସ୍ୱାଭିମାନ ଆମ ତ୍ରିରଙ୍ଗା
ସତ୍ୟ ଶାନ୍ତି ପ୍ରୀତି ମୈତ୍ରୀମାଳାରେ
ବୁହାଇ ଦେଇଛି ଗଣର ଗଙ୍ଗା ।

ସ୍ୱାଧୀନତା ଆମ ନ୍ୟାର୍ଯ୍ୟ ଅଧିକାର
ଦେଶପ୍ରେମ ଆମ ଜୀବନ ମନ୍ତ୍ର
ସାମ୍ୟ ବାଦର ସମ୍ମୋହନ ସୁର
ଶିଖାଏ ଆମକୁ ଏ ଗଣତନ୍ତ୍ର
ମାଆ ମାତୃଭୂମି ବିଶ୍ୱ କଲ୍ୟାଣୀ
ଦେଶପ୍ରେମ ଭାବ ଶାଶ୍ୱତ ବିଭବ
କୋଟି ଅନ୍ତରରେ ଦେଇଛି ବୁଣି ।

ସ୍ୱାଧୀନତାର ଏ ମଧୁ ମହୋତ୍ସବ
ତ୍ୟାଗ ତିତିକ୍ଷାର ପ୍ରେରଣା ଭରେ
ଦେଶମାତୃକାର ସେବା ଅର୍ଚ୍ଚନାରେ
ଉନ୍ମାଦନା ତୋଳେ ଅନ୍ତର ତୀରେ
ଗାଇ ଜନଗଣ ମନ ସଙ୍ଗୀତ
ଜାତି ଜାତିୟତା ଭାବ ନିବିଡ଼ତା
ଦେଶପ୍ରେମର ଏ ପ୍ରୀତି ଅମୃତ ।

+କେଶଦୁରାପାଳ କେନ୍ଦୁଝର
ମୋ -୯୧୭୮୫୬୮୨୪୬

ଶୁକ୍ରବାର, ଅଗଷ୍ଟ ୧୫, ୨୦୨୫

# ଧ୍ୱନି ପ୍ରତିଧ୍ୱନି

## ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜିତ

ବାରିପଦା, ୧୪/୮ (ନି.ପ୍ର): ସ୍ଥାନୀୟ ମହାରାଜପୁର ସ୍ଥିତ ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀଙ୍କ ଦ୍ୱାରା ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଉପଲକ୍ଷେ ଛାତ୍ରଛାତ୍ରୀ ତଥା ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରାକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ତ୍ରିରଙ୍ଗା ହଲାଇ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ନିକଟସ୍ଥ ମହାରାଜପୁର ଗ୍ରାମରେ ପରିକ୍ରମା କରିବା ସହ ଛାତ୍ରଛାତ୍ରୀ ମାନେ ଘରେ ଘରେ ତ୍ରିରଙ୍ଗା ବଣ୍ଟନ କରିଥିଲେ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକ ଓ ରେଡ୍‌କ୍ରସ ଅଧିକାରିଣୀ ପୂଜା ଶତପଥି ସଂଚାଳନ କରିଥିଲେ. ଏଥିରେ ମୟୁରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟାପକ, ଅଧ୍ୟାପିକା, ଓ ଛାତ୍ରଛାତ୍ରୀ ଏବଂ ମହର୍ଷି ଇଣ୍ଟରନାସନାଲ ପବ୍ଲିକ ସ୍କୁଲର ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ । ଅନ୍ୟ ମାନଙ୍କ ମଧରେ ମହାବିଦ୍ୟାଳୟର ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା, ସମ୍ବିତ କୁମର ମିଶ୍ର, ସିରାମ ଟୁଡୁ, ଡ଼




ଠାକୁରା ଚରଣ ମାରାଣ୍ଡି, ବାବୁଲ ସିଂହ, ଅଧ୍ୟାପିକା ପ୍ରତିଭା ଦାସ, କବିତା ସାହୁ, ଲକ୍ଷ୍ମୀ ଚାପିଆର, ଜ୍ୟୋତିର୍ମୟୀ ଗିରି, ସସ୍ମିତା ରାଉତ, କ୍ରିଷ୍ଣା ବାନାର୍ଜୀ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇ ତ୍ରିରଙ୍ଗା ବଣ୍ଟନ କାର୍ଯ୍ୟକ୍ରମ ରେ ସହାୟତା କରିଥିଲେ ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ପ୍ରତିଘରେ ତ୍ରିରଙ୍ଗା ଯାତ୍ରା ଅଭିଯାନ

ଭଦ୍ରକ, ୧୪/୮ (ନି.ପ୍ର): ପୁରୁଣାବଜାର ସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରୁ ଅଧକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ 'ହରଘର ତ୍ରିରଙ୍ଗା' ପଦଯାତ୍ରା ଅଭିଯାନ ବାହାରି ପୁରୁଣାବଜାର ଛକ, ବାଙ୍କାବଜାର ଦେଇ ମହାବିଦ୍ୟାଳୟରେ ପହଞ୍ଚିଲା । ଛାତ୍ରଛାତ୍ରୀମାନେ 'ହରଘର ତ୍ରିରଙ୍ଗା' ପଦଧ୍ୱନି ଦେଇ ଯାତ୍ରା କରିଥିଲେ । ଉକ୍ତ ଅଭିଯାନରେ ପୂର୍ବତନ ଅଧକ୍ଷ ଡଃ କୃପାସିନ୍ଧୁ ନାୟକ, ପ୍ରଭାତୀ ନାୟକ,




ଅକ୍ଷୟ କୁମାର ପାଣିଗ୍ରାହୀ, ମଞ୍ଜୁଲତା ମହାପାତ୍ର, ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ ଓ ଗୌରା ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗୋଲି, ପ୍ରବନ୍ଧ ଓ ଚିତ୍ରକଳା ପ୍ରତିଯୋଗିତାମାନ ହୋଇଥିଲା ।

## ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଯାତାୟାତ ପାଇଁ ଖୋଲା

ଜମ୍ମୁ, ୧୪/୮ : ଖରାପ ।ଗ ସତ୍ତ୍ୱେ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜଥ, ମୁଗଲ ରୋଡ୍ ଯାତାୟାତ ।ଇଁ ଖୋଲା ଅଛି ।ସୂଚନା ଅନୁଯାୟୀ, ଜାମ୍ମୁ ଡିଭିଜନର ଅନେକ ସ୍ଥାନରେ ବର୍ଷା । ସତ୍ତ୍ୱେ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜଥ ଛୋଟ ଯାନବାହନ ପାଇଁ ଉଭୟ ପାର୍ଶ୍ୱରୁ ଖୋଲା ଅଛି, ଯେତେବେଳେ ବଡ଼ ଯାନଗୁଡ଼ିକୁ କେବଳ ଶ୍ରୀନଗରରୁ ଜମ୍ମୁ ଯିବାକୁ ଅନୁମତି ଦିଆଯାଇଛି । ବିପରୀତରେ, କୌଣସି ବଡ଼ ଯାନକୁ ଜମ୍ମୁରୁ ଶ୍ରୀନଗର ଯିବାକୁ ଅନୁମତି ଦିଆଯାଇ ନାହିଁ ।

## ରେମୁଣା ବିଜେପି ପକ୍ଷରୁ ବିଭିନ୍ନ ସହୀଦ ସ୍ମୃତି ପୀଠରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ




ବାଲେଶ୍ୱର, ୧୪/୮ (ନି.ପ୍ର): ଗୁରୁବାର ସକାଳ ୧୦ ଘଟିକା ସମୟରେ ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ ସ୍ମୃତି ପୀଠରେ ଏକ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଲବଣତୀର୍ଥ ମଣ୍ଡଳ ସଭାପତି ମାନସ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ରେମୁଣା ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବରିଷ୍ଠ ନେତା ପର୍ଶ୍ୟୁରାମ ପରିଡ଼ା, ହରନ୍ଦ୍ର ମଲିକ, ପୂର୍ବତନ ମଣ୍ଡଳ ସଭାପତି ବିଭୁତି ସେନାପତି, ଅଜୟ ବାରିକ,ସିଲି ବେହେରା, କାର୍ତିକ ଦାସ, ଅଞ୍ଜନ ଲେଙ୍କା, କିରଣ ପଣ୍ଡା, କମଳାକାନ୍ତ ବାରିକ, ଉମେଶ ଦାଶ, ବ୍ରହ୍ମାନନ୍ଦ ବିଶ୍ୱାଳ, ପଞ୍ଚାନନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନ୍ତର୍ଗତରେ ସମସ୍ତେ ସ୍ମୃତି ପୀଠ ପରିସରରେ ସଫେଇ କାର୍ଯ୍ୟକ୍ରମ କରିଥିଲେ, ପରେ ସମସ୍ତ ସହିଦ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହା ପରେ ଇଞ୍ଚୁଡି ଲବଣ ସତ୍ୟାଗ୍ରହ ଉଚ୍ଚ ବିଦ୍ୟାଳୟ ପରିସରରେ 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅନ୍ତର୍ଗତରେ ଚାରା ଗଛ ରୋପଣ କରାଯାଇଥିଲା । ସେହିପରି ଖାନନଗର ସ୍ଥିତ ସହିଦ ଗଙ୍ଗାରାମ ଙ୍କ ସ୍ମୃତି ପୀଠରେ ମଧ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତରେ ସଫେଇ କରିବା ସହ ସହିଦ ଗଙ୍ଗାରାମ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ଦାସ, ବରିଷ୍ଠ ବ୍ୟକ୍ତି ଶ୍ରୀ ପରିଡ଼ା, ସୁକୁମାର ଦାସ, ସରପଞ୍ଚ ଅଞ୍ଜନ ନାୟକ, ସମିତି ସଭ୍ୟା ରସ୍ମିରାଣି ଦାସ, ପ୍ରଦୀପ କୁମାର ଦାସ, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ଖାନନଗର ପଞ୍ଚାୟତ ସଭାପତି ସନ୍ୟାସୀ ମହାନ୍ତି, ସୁଭ୍ରଜିତ୍ ମଲ୍ଲିକ, ନାରୀ ନେତ୍ରୀ ରବିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଲିସ, ଅଗ୍ନିଶମ, ହୋମଗାର୍ଡ ଓ ଅନ୍ୟ ୧୦୯୦ କର୍ମୀଙ୍କୁ ବୀରତା ଏବଂ ସେବା ପଦକ

ନୂଆଦିଲ୍ଲୀ,୧୪/୮ : ସ୍ୱାଧୀନତା ଦିବସ ଅବସରରେ ଏଥର ପୁଲିସ, ଅଗ୍ନିଶମ, ହୋମ୍ ଗାର୍ଡ, ନାଗରିକ ସୁରକ୍ଷା ଏବଂ ସୁଧାରାତ୍ମକ ସେବାର ୧୦୯୦ ଜଣ କର୍ମଚାରୀଙ୍କୁ ବୀରତା ଏବଂ ସେବା ପଦକ ଦ୍ୱାରା ସମ୍ମାନିତ କରାଯାଇଛି । ଏଥିରେ ୨୩୩ ଜଣଙ୍କୁ ବୀରତା ପଦକ, ୯୯ ଜଣଙ୍କୁ ରାଷ୍ଟ୍ରପତି ପଦକ (ବିଶିଷ୍ଟ ସେବା) ଏବଂ ୭୫୮ ଜଣଙ୍କୁ ମେଧାବୀ ସେବା ପଦକ ପ୍ରଦାନ କରାଯାଇଛି । କେନ୍ଦ୍ରୀୟ ଗୃହ ମନ୍ତ୍ରାଳୟ ଏକ ବିଜ୍ଞପ୍ତି ମାଧମରେ ଏହି ସୂଚନା ଦେଇଛି । ମନ୍ତ୍ରାଳୟ ଅନୁଯାୟୀ, ୨୩୩ ଜଣ କର୍ମଚାରୀଙ୍କୁ ବୀରତା ଦକ ପ୍ରଦାନ କରାଯାଇଛି, ଯାହାରେ ୨୨୬ ପୁଲିସ, ଛଅ ଅଗ୍ନିଶମ ସେବା ଏବଂ ଗୋଟିଏ ହୋମ୍ ଗାର୍ଡ ଓ ନାଗରିକ ସୁରକ୍ଷା କର୍ମଚାରୀ ଅଛନ୍ତି । ବୀରତା ପଦକ ପ୍ରାପ୍ତମାନଙ୍କ ମଧରୁ ୧୫୨ ଜଣ ଜମ୍ମୁ-କାଶ୍ମୀର, ୫୪ ଜଣ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳ, ତିନି ଜଣ ପୂର୍ବୋତ୍ତର ଓ ୨୪ ଜଣ ଅନ୍ୟାନ୍ୟ ଅଞ୍ଚଳରୁ ଅଛନ୍ତି । ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ୯୯ ଜଣ କର୍ମଚାରୀଙ୍କୁ ମିଳିଛି । ଏଥିରେ ୮୯ ପୁଲିସ, ପାଞ୍ଚ ଅଗ୍ନିଶମ ସେବା, ତିନି ହୋମ୍ ଗାର୍ଡ ଏବଂ ନାଗରିକ ସୁରକ୍ଷା, ଦୁଇ ଜଣ ସୁଧାରମ୍ୟକ ସେବା କର୍ମଚାରୀ ଅଛନ୍ତି ।

## ବାସହରାଙ୍କୁ ଆବାସ ମନା: ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଭଦ୍ରକ, ୧୪/୮ (ନି.ପ୍ର): ଗ୍ରାମାଚଂଳରେ ବସବାସ କରୁଥିବା ଗରିବ ବାସହରା ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ପକ୍କାଗୃହ ଯୋଗାଣ କରାଯିବାର ବିଧିବଦ୍ଧ ବ୍ୟବସ୍ଥା ହୋଇଥିଲେ ମଧ୍ୟ ବନ୍ତ ବ୍ଲକ ଅଧିନସ୍ଥ ଛୟାଳସିଂହ ପଂଚାୟତର ମଙ୍ଗୁଳି ଗ୍ରାମର ସରୋଜିନୀ ଦାଶ ଙ୍କ ପରିବାର ପାଇଁ ଏହା ଅପହଂଚ ପାଲଟିଛି । ଦୀର୍ଘ ବର୍ଷ ହେବ ଏକ ଚାଳ ଛପର ଗୃହରେ ସପରିବାର ବାସ କରି ନାନା କଷ୍ଟରେ କାଳ କାଟୁଛନ୍ତି । ଅଦିନିଆ ବର୍ଷା ଓ ପବନରେ ଗୃହର କାନ୍ଥ ଭାଙ୍ଗିବାରେ ଲାଗିଛି । ତାହା ମଧ୍ୟ ଏବେ ନଷ୍ଟ ହେବାକୁ ବସିଛି । ତାଙ୍କ ପରିବାର ଦରିଦ୍ର ଶ୍ରେଣୀର ଥିବାରୁ ପକ୍କା ଘରଟିଏ କରିବା ତାଙ୍କ ପାଇଁ କଷ୍ଟକର ବ୍ୟପାର । ସୂଚନା ଅନୁଯାୟୀ;ସରକାରୀ ଆବାସଟିଏ ପାଇଁ ଗତ ୩ବର୍ଷ ହେବ ସରପଂଚଙ୍କ ଠାରୁ ଆରମ୍ଭ କରି ବିଡ଼ିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରୀ କଲେ ମଧ୍ୟ କିଛି ସୁଫଳ ନ ପାଇ ପାରିବାରୁ ବାଧ୍ୟ ହୋଇ ସେ ଗତ ଗତ ବର୍ଷ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଗୁହାରୀ କରିଥିବା ଜଣାପଡ଼ିଥିଲା । ସେହିପରି ଉକ୍ତ ଗ୍ରାମର ସ୍ୱର୍ଗତ ପଦ୍ମନାଭ ଦାଶଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ମଧ୍ୟ ଆବାସଟିଏ ପାଇଁ ଗୁହାରୀ



କରି କୌଣସି ସୁଫଳ ନ ପାଇବାରୁ ଶେଷରେ ରାଜ୍ୟପାଳଙ୍କୁ ଗୁହାରୀ କରିଥିବା ଜଣାପଡ଼ିଥିଲା । ଅନୁରୂପ ଭାବେ ଉକ୍ତ ପଂଚାୟତ ଦୋଳପଦୀ ଗ୍ରାମର ଝରଣା ଯେନା ଜଣେ ହରିଜନ ବର୍ଗର ହୋଇମଧ୍ୟ ବର୍ଷ ବର୍ଷ ଧରି ଆବାସ ପାଇପାରୁନଥିବାରୁ ସେ ମଧ୍ୟ ରାଜ୍ୟପାଳଙ୍କୁ ଗୁହାରୀ କରିଥିବା ଜଣାପଡ଼ିଥିଲା । କିନ୍ତୁ ଗୁହାରୀ ପରେବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସେମାନେ ଆବାସଟିଏ ପାଇଁ ଚାତକପକ୍ଷୀ ପରି ଚାହିଁ ବସିଛନ୍ତି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।







❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor: Srustidhar Parida